ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ହୋଇଛନ୍ତି। ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ଏହାପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବରେଟୋରି ସହ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ର ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଛନ୍ତି। ଏହି ଅତ୍ୟାଧୁନିକ ଲାବରେଟୋରିରେ ସେମାନଙ୍କ ଦକ୍ଷତା ବିକାଶ ଏବଂ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି ସେ ବିଷୟରେ ପଚାରି ବୁଝିଛନ୍ତି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି। ଏଠାରେ ଅତ୍ୟାଧୁନିକ ତାଲିମ ନେଇ ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ବିଶେଷ ପରିଚୟ ପାଇବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଯୋଗଦେଇଥିଲେ।



# ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୨ ଗୁରୁତର

## ବିବାହ ଶୋଭାଯାତ୍ରା ବେଳେ ଅଘଟଣ

**ପରଜଙ୍ଗ, ୧୭।୪ (ନିଗମାନନ୍ଦ ଦଳବେହେରା)**

ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଲଦା ପଞ୍ଚାୟତ କଣ୍ଢେଇଖୋଲ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଉଛନ୍ତି ତାଳଚେର ଥାନା ରେମୁଁଆ ଗ୍ରାମର ଗଣେଶ୍ୱର ହେମ୍ବ୍ରମ(୨୦)। ଗୁରୁତର ୨ ଜଣଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ମୁତାବକ, ମହାବିରୋଡ୍ ଥାନା ଘାଗରାମୁଣ୍ଡା ଗ୍ରାମରୁ ଏକ ବିବାହ ଶୋଭାଯାତ୍ରା ବାହାରି କଣ୍ଢେଇଖୋଲସ୍ଥିତ କନ୍ୟା ଗ୍ରାମରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମ ମଧ୍ୟଭାଗରେ ଓହଳି ରହିଥିବା ବିଦ୍ୟୁତ୍ ସର୍ଭିସ ତାରରେ ଏକ ଲାଇଟ ଷ୍ଟାଣ୍ଡ ଲାଗିଯିବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପରଜଙ୍ଗ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗଣେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ମୃତକଙ୍କ ଶାଳକ ଘାଗରାମୁଣ୍ଡା ଗ୍ରାମର ଦେବେନ ଦବାଙ୍ଗ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ଶାସନ ସମସ୍ତଙ୍କ ପାଇଁ

**ଅଧ୍ୟାପକ ସୁକାନ୍ତ ରାଉତ**

ରାତିରେ ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଜଣେ ଅସହାୟ ଅନ୍ଧୁଣୀର କୋଳରୁ ତା'ର ଶିଶୁପୁତ୍ରକୁ କିଏ ଚୋରିକରି ନେଲା। ଅନୁସନ୍ଧାନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଲା, ଅବିଳମ୍ବେ ଶିଶୁପୁତ୍ରକୁ ଉଦ୍ଧାର କରାଗଲା ଓ ଦୁର୍ବୃତ୍ତମାନଙ୍କୁ ଜେଲ ପଠେଇ ଦିଆଗଲା।

ପିଲା ଚୋରି ଘଟଣା ତ ନୂଆ ନୁହେଁ, ମେଡିକାଲରୁ ପିଲା ଚୋରି ହେବା ଗତ କିଛିବର୍ଷ ହେଲା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ସିସିଟିଭି କ୍ୟାମେରାର ନଜରରେ ତ ନିଶ୍ଚୟ, ଏପରି କି ଦୃଢ଼ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଏଠି ଅସହାୟ ଅନ୍ଧୁଣୀଟିର ଶିଶୁପୁତ୍ରଟି ଉଦ୍ଧାର ହେଲା ବି କିଛି ନୂଆ ନୁହେଁ, ହେଲେ ଏତେ ତ୍ୱରିତ ଗତିରେ ଉଦ୍ଧାର ହେବା ଓ ଏ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ଦପ୍ତର ତତ୍ପର ହେବା ଅଜଣା ଆଉ ଅଶୁଣା! କାରଣ ଆମ ବ୍ୟବସ୍ଥାରେ ରାସ୍ତାକଡ଼ର ଛୋଟ ଅସହାୟ ମଣିଷଟି ପାଇଁ ରାଜଦରବାର ବହୁତ ଦୂର, ଆଉ ରାଜା ପାଇଁ ଅସହାୟ କ୍ଷୁଦ୍ର ମଣିଷଟି ବିରାଟ ମୁଣ୍ଡବ୍ୟଥା।

କେତେବଡ଼ ଗୋଟେ ବାର୍ତ୍ତା ନ ଦେଉଛି ସତେ ଏ ଘଟଣାଟି ! ଯେମିତି କେହି ଜଣେ ଆଶ୍ୱାସନାର ପାପୁଲିରେ ପିଠି ଥାପୁଡାଇ ଦେଉଛି–ଏପରି ରାସ୍ତାକଡର ମଣିଷଟିରେ! ସେ ଆଉ କହିବନି ମୋର କେହି ନାହିଁ। ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ହେଲେ ବି ସୁଦ୍ଧା ଏହା ସତ! ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ଲାଗୁଛି ଏଇଥିପାଇଁ ଯେ ପୂର୍ବରୁ ଏମିତି କିଛି ଘଟିଥିବା ତ ଦୂରର କଥା ଅର୍ଥାତ୍ ରାସ୍ତାକଡର ଅସହାୟ ଅନ୍ଧୁଣୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ମୁଣ୍ଡ ଖେଳେଇବା। କାହା ଭାବନାରେ ବି କେବେ ଏହା ନ ଥିଲା ରାସ୍ତାକଡର ଜଣେ ଅନ୍ଧୁଣୀର ଛୋଟ ପୁଅଟି ଚୋରି ହୋଇଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଖେଳିବ!

ରାସ୍ତାକଡରେ, ଗଛମୂଳରେ ବଞ୍ଚୁଥିବା ଏ ଜୀବସବୁ କ'ଣ ମଣିଷ! 'ଉପାସିଆ ମଣିଷ ପାଇଁ ପିଲା ନୁହଁ ପେଟ ବଡ' ଭାବନାର ହିତକୁ ଖୁବ୍ କମ୍ ଲୋକ ଚିହ୍ନନ୍ତି, ଆମ ସମାଜରେ ଆଉ ଆମ ବ୍ୟବସ୍ଥା ଭିତରେ! ଆଉ ସେହି କମ୍‌ସଂଖ୍ୟକ ଲୋକ ଦେଖିପାରନ୍ତି ଯେ ରାସ୍ତାକଡର ଏଇ ଅନ୍ଧୁଣୀ ମା'ଟିର ପେଟରେ ଭୋକର ଯନ୍ତ୍ରଣା ଥାଇପାରେ, ଆଖିରେ ତା'ର ତେଜ ନ ଥାଇପାରେ, ହେଲେ ତା' ଛୁଆଟି ପାଇଁ ଛାତିରୁ ତା'ର ଝରି ଆସୁଥିବା ମାତୃତ୍ୱର ମୋହକୁ ମାପିହେବନି, ସେ ମୁଦ୍ରିତ ଆଖିରୁ ଝରି ଆସୁଥିବା ଲୁହକୁ କେବେ ରୋକିହେବନି। ଭୋକକୁ କିଏ ପଚାରେ, ଜୀବନ ବି ସେ ଦେଇଥାନ୍ତା ପୁଅ ପାଇଁ। ରାସ୍ତାକଡରେ ପଡିଥିଲେ ବି ସୁଦ୍ଧା ଅନ୍ୟମାନଙ୍କ ଭଳି ମହୀୟସୀ ସେ! ଆମ ମୁଖ୍ୟମନ୍ତ୍ରୀଙ୍କୁ ମା'ଟିର ଏ ଦୁର୍ଦ୍ଦଶା ନିଶ୍ଚୟ ବିଚଳିତ କରିଛି। ନିର୍ଦ୍ଦେଶ ଦେଲେ ସେ ନିଜ ଦପ୍ତରକୁ ଅନୁସନ୍ଧାନ ଉପରେ ଆଖି ରଖିବାକୁ, ଆଉ ବାର୍ତ୍ତାଦେଲେ ସମସ୍ତଙ୍କୁ, ଯାହାର କେହି ନାହିଁ ତା' ପାଇଁ ମୁଁ ଅଛି, ତୁମେ ଯିଏ ହୁଅ, ଗଛମୂଳର କି ରାସ୍ତାକଡର ମଣିଷ ହୁଅ, ତମ ଚିନ୍ତା ଆଉ କିଏ କରୁ ବା ନ କରୁ ମୁଁ କରୁଛି, ତୁମମାନଙ୍କର ମୁଖ୍ୟମନ୍ତ୍ରୀ କରୁଛି। ଇତିହାସ ତ ସବୁ ଲିପିବଦ୍ଧ କରିରଖୁଛି। ପୃଷ୍ଠା ଓଲଟାଇଲେ ବାହାରିବ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପୂର୍ବରୁ ଆଉ କାହା ଦରବାର ଅସହାୟ ମଣିଷକୁ ଲୋଡିବାକୁ ଏମିତି ରାସ୍ତାକଡକୁ ଓହ୍ଲେଇ ଆସିଥିଲା।

ଆଜି ଭାଜପା ସରକାରର ନେତୃତ୍ୱ ନେଉଛନ୍ତି ମୋହନ ମାଝୀ। ମନକୁ ସ୍ୱତଃ ପ୍ରଶ୍ନଟିଏ ପଶିଆସେ, ମୋହନ ମାଝୀଙ୍କ ବ୍ୟତୀତ ଆଉ କିଏ ମୁଖ୍ୟମନ୍ତ୍ରୀ ହୋଇଥିଲେ ଅସହାୟ ଅନ୍ଧୁଣୀ ମା'ଟି କ'ଣ ଏମିତି ତ୍ୱରିତ ନ୍ୟାୟ ପାଇଥାନ୍ତା ଏବଂ ଆଗରୁ ଯେଉଁମାନେ ଆମ ରାଜ୍ୟରେ ସରକାରର ମୁଖ୍ୟ ହୋଇଛନ୍ତି, ଏହିଭଳି ସମାଜର ତଳ ପାହାଚର ମଣିଷଟିରେ ଦୁର୍ଦ୍ଦଶା ପାଇଁ ବିନା ଦାବି ଓ ପ୍ରତିବାଦରେ ସ୍ୱତଃ ଏମିତି ବ୍ୟଥିତ ହେବାର ଦୃଷ୍ଟାନ୍ତ ଅଛି କି? ଗଣତାନ୍ତ୍ରିକ ସତ୍ତା ଭିତରେ ନେତୃତ୍ୱର ଦୃଷ୍ଟିଭଙ୍ଗୀ ହିଁ ମହତ୍ତ୍ୱପୂର୍ଣ୍ଣ, ନେତାଟି ନିଜକୁ ଜନଗଣଙ୍କ ଉପରେ ରାଜା ମହାରାଜା ବୋଲି ଭାବୁଛି ନା ଜନଗଣଙ୍କ ସହିତ ସମାନ ଧୂଳିମାଟିରେ ଜଣେ ବାସ୍ତବବାଦୀ ମଣିଷ ବୋଲି ନିଜକୁ ମଣୁଛି? ଜଣେ ଜନନେତାର ବ୍ୟକ୍ତିତ୍ୱ ତ୍ୟାଗ, ସହାନୁଭୂତିଶୀଳତା, ଦୁଃସାହସିକତା, ସରଳତା, ନିଷ୍କପଟପଣିଆ ଓ ସମାହାର। ସଙ୍କଟ ଭିତରୁ ସୃଷ୍ଟିହୁଏ ନେତାଟିଏ, ସଙ୍କଟକୁ ସାମ୍ନା କରୁ କରୁ ସେ ହୁଏ ଅଭିଜ୍ଞ। ସଙ୍କଟକୁ ସାମ୍ନାସାମ୍ନି ହେବାରେ ନ ଥିବ ଛଳନା, ଥିବ ଖାଲି ସମର୍ପଣ। ଏତିକି କରି ସର୍ବସାଧାରଣଙ୍କ ଶ୍ରଦ୍ଧା ଓ ସମ୍ମାନ ଜିଣିଥାଏ ଜଣେ ଗଣନେତା। ନିଜ ଡାଇନିଂ ଟେବୁଲ ଉପରେ ବଢ଼ାଯାଇଥିବା ପଖାଳ କଂସାରୁ ଗୋଟିଏ ଭାତକୁ ଟିପରେ ଧରି ଖାଇବାର ଅଭିନୟ କରି ନୁହଁ ବରଂ ସାଧାରଣ ଲୋକଟି ପାଖରେ ତଳେ ବସି ଖୁସିରେ ଶାଗପଖାଳ ଖାଇ ଜଣେ ଜନନେତା ହୁଏ, ଭରସାକରି ଭୋଟ ଦେଇଥିବା ଲୋକଙ୍କୁ ଦେଖା ନ ଦେଇ କବାଟ କିଳି ଘରେ ବସି ନୁହେଁ ବରଂ ଜନସାଧାରଣଙ୍କ ପାଇଁ ଦୁଆର ଖୋଲାକରି ଜଣେ ଜନନେତା ହୁଏ। ମଧୁବାବୁ, ଗୋପବନ୍ଧୁ, ଗାନ୍ଧୀ, ସୁଭାଷ ଆଦି ନେତୃତ୍ୱର ନୂଆ ପରିଭାଷା ଆମ ପାଇଁ ଲେଖିଯାଇଛନ୍ତି।

କେତେବର୍ଷ ହୋଇଗଲାଣି କେଜାଣି ସେ ହିସାବ ରଖିଛି କି ନାହିଁ, ପରୀର ମାତା ଟିଙ୍କିଅିକୁ ହରାଇଦେଲେ, ହେଲେ କେହି ତାଙ୍କୁ ସେଦିନ ଆଣି ଫେରେଇ ଦେଲେନି! ସେମିତି କେତେବର୍ଷ ବିତିଗଲାଣି, ପିହୁର ମାତା କୁନିଅିକୁ ହରେଇଲେ, କେହି କ'ଣ ତାକୁ ଆଣି ଦେଲେ? ଅସହାୟ ଅନ୍ଧୁଣୀ ମା'ଟି କେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦେଖିନାହିଁ, ହେଲେ ତା' ହଜିଲା ପୁଅକୁ କୋଳରେ ପାଇଲା ସଙ୍ଗେ ସଙ୍ଗେ ଆଖିର ଲୁହକୁ ପୋଛି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣେଇଲା। ଇଣ୍ଡିଆ ଟୁଡେ, ଆଉଟଲୁକ୍, ଏନ୍‌ଡିଟିଭି, ଜାତିସଂଘ ଦ୍ୱାରା ଶ୍ରେଷ୍ଠ ପ୍ରଶାସକ ବା ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଉପାଧି ପାଇବାକୁ ଯୋଗ୍ୟବ୍ୟକ୍ତି ଓ ସଂସ୍ଥାକୁ ବିବେଚନା କରିବା ଗୋଟେ ବାର୍ଷିକ ଗତାନୁଗତ କାର୍ଯ୍ୟ, ହେଲେ ନିଜ ରାଜ୍ୟର ରାସ୍ତାକଡରେ ଗଡୁଥିବା ଅନ୍ଧୁଣୀ ମା'ଟିର ଅକପଟ ଆଶିଷ ପାଇବା କେତେଜଣଙ୍କୁ ବା ଜୁଟେ!

GMAIL : SSUKANTAA@GMAIL.COM

# କୋରାପୁଟକୁ ପ୍ରଧାନମନ୍ତ୍ରୀ ପୁରସ୍କାର

**ଭୁବନେଶ୍ୱର/କୋରାପୁଟ, ୧୭।୪ (ରବିନାରାୟଣ ଜେନା/ଅମିତାଭ ବେହେରା)**

ଓଡ଼ିଶାର ପଛୁଆ ଜିଲା ଭାବେ ପରିଗଣିତ ହେଉଥିବା କୋରାପୁଟ ଏବେ ବିକାଶ କ୍ଷେତ୍ରରେ ଅଗ୍ରଗତି ହେଉଛି। ଜିଲାରେ ବିକାଶ ତ୍ୱରାନ୍ୱିତ ହେବା ସହିତ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱକୁ ନେଇ ୨୦୨୪ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏନେଇ ଗୁରୁବାର କେନ୍ଦ୍ର ସରକାରଙ୍କ ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ସଚିବ ଭି. ଶ୍ରୀନିବାସ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଚଳିତମାସ ୨୧ରେ ନୂଆଦିଲ୍ଲୀ ବିଜ୍ଞାନଭବନରେ ସାଧାରଣ ସେବା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୁରସ୍କାର ପ୍ରଦାନ କରିବେ। ଏଥିରେ ଯୋଗଦାନ ପୂର୍ବକ ଏହି ପୁରସ୍କାର ଗ୍ରହଣ କରିବାକୁ ସେ ଦର୍ଶାଇଛନ୍ତି।

ଏନେଇ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ଦେଶର ୭୧୦ଟି ଜିଲାରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ୧୪ ରାଉଣ୍ଡ ପରେ ଏହି ପୁରସ୍କାର ପାଇବାକୁ କୋରାପୁଟ ଜିଲା ପ୍ରଶାସନ ଯୋଗ୍ୟ ବିବେଚିତ ହୋଇଛି। ଜିଲାରେ ମା'ମାନଙ୍କ ଆନୁଷ୍ଠାନିକ ପ୍ରସବକୁ ଗୁରୁତ୍ୱ ଦେବା ସହିତ ଷ୍ଟ୍ରବେରି ଚାଷ ଓ ବିଶ୍ୱକର୍ମା ଯୋଜନା ଭଳି ବହୁ ଯୋଜନାକୁ ଗୁରୁତ୍ୱ ଦିଆଯାଉଛି।

# ବିଧାନସଭାରେ ବିଜୁଙ୍କୁ ଶ୍ରଦ୍ଧାସୁମନ



**ଭୁବନେଶ୍ୱର, ୧୭।୪(ରବିନାରାୟଣ ଜେନା)**

ବିଧାନସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ବିଧାୟକ ପ୍ରତାପ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କା ଠକେଇ ମାମଲା: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୭।୪ (ସୂର୍ଯ୍ୟକାନ୍ତ ବେହେରା)**

ଦେଢ଼ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ମୈତ୍ରୀ ବିହାର ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନୟାପଲ୍ଲୀରେ ରହୁଥିବା ନୟାଗଡର ବିଭୂତି ଭୂଷଣ ବେହେରା। ଠକେଇର ଶିକାର ହୋଇଥିବା ମନୋଜ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ମନୋଜ ବିଡିଏ କଲୋନୀ ଫେଜ–୧ରେ ପରିବାର ସହ ରହୁଥିବା ବେଳେ ଅଭିଯୁକ୍ତ ବିଭୂତି ହେଉଛନ୍ତି ତାଙ୍କ ପଡୋଶୀ। ପୂର୍ବରୁ ଉଭୟ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ପରସ୍ପର ସହ ପରିଚୟ ଥିଲା।




# ଆମ୍ବତୋଟାରେ ବୃଦ୍ଧଙ୍କୁ ଦଳିଦେଲା ହାତୀ

**ବନ୍ତଳା, ୧୭।୪ (ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ କଞ୍ଚା ସେକ୍ସନ କଞ୍ଚା ଗାଁରେ ଗୁରୁବାର ହାତୀ ଆକ୍ରମଣରେ ସୋମନାଥ ବେହେରା (୬୦)ଙ୍କ ମୃତ୍ୟୁ ହୋଇଛି। ସୋମନାଥ ଭୋର୍‌ସମୟରେ ଆମ୍ବ ସଂଗ୍ରହ ପାଇଁ ଘରପାଖ ଆମ୍ବତୋଟାକୁ ଯାଇଥିବା ବେଳେ ସେଠାରେ ପୂର୍ବରୁ ଥିବା ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି ଆମ୍ବ ଗଛରେ ପିଟିଦେବାରୁ ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଜଣାପଡ଼ିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ୍ତଳା ପୋଲିସ ସହ ବନପାଳ ପ୍ରସନ୍ନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲୋକଙ୍କ ଦାବି ଅନୁଯାୟୀ ଗାଁ ଚାରିପାଖେ ଲାଗିଥିବା ସୋଲାର ବାଡ଼ର ଖରାପ ପ୍ୟାନେଲ ଶୀଘ୍ର ମରାମତି କରିବାକୁ ବନପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତ ସୋମନାଥଙ୍କ ପୁଅକୁ ଗଜସାଥୀ ଭାବେ ନିଯୁକ୍ତି ଓ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ବନ୍ତଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




# ମୂକ ବଧିର ବେଶରେ ଚୋରି

**ଭୁବନେଶ୍ୱର, ୧୭।୪(ସତ୍ୟଜିତ୍ ରାଉତ)**

ମୂକ ବଧିର ବେଶରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଚୋରି କରୁଥିବା ଦୁଇ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତିରୁପଥୁର ଅଞ୍ଚଳର ଚନ୍ଦୁ ଡି ଜି ଓରଫ ଚନ୍ଦୁ (୨୩) ଏବଂ ଟି କାଳିଆପାନ (୩୮)। ସେମାନଙ୍କଠାରୁ ୩ଟି ମୋବାଇଲ ଓ ୪ଟି ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତ ଚନ୍ଦୁ ଓ କାଳିଆପାନ ମୂକ ଏବଂ ବଧିର ସାର୍ଟିଫିକେଟ୍ ଧରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ ଯାଉଥିଲେ। ଲୋକଙ୍କୁ ଦେଖିଲେ ମୂକ ବଧିର ଭଳି ଅଭିନୟ କରି ଭୁଆଁ ବୁଲାଉଥିଲେ। ସୁଯୋଗ ଦେଖି ଘରେ ପଶିବା ସହ ମୋବାଇଲ, ଲାପଟପ୍ ଆଦି ଚୋରିକରି କଳା କନା ବୁଲାଉଥିଲେ। ବିଶେଷକରି ଭୋର୍ ସମୟରେ ହିଁ କବାଟ ଖୋଲାଥିବା ଘରକୁ ଉଭୟ ଟାର୍ଗେଟ୍ କରୁଥିଲେ। ତେବେ ନୟାପଲ୍ଲୀ ବେହେରା ସାହିସ୍ଥିତ ପ୍ଲଟ୍ ନଂ.୮୭୨୨ରେ ରହୁଥିବା ଶିବ ପ୍ରସାଦ ସାହୁଙ୍କ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରି ସଫଳ ହୋଇଥିଲେ। ଫେବୃଆରୀ ୨୬ ଭୋର ସମୟରେ ଶିବ ନିଦରେ ଶୋଇଥିବା ବେଳେ ଚୋରଦ୍ୱୟ ତାଙ୍କ ଘରେ ପଶି ଗୋଟିଏ ଲାପଟପ ଏବଂ ୨ଟି ମୋବାଇଲ ନେଇଯାଇଥିଲେ। ଶିବଙ୍କ ଏତଲାକୁ ଆଧାର କରି ପୋଲିସ ମାମଲା (ନଂ.୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ସକାଳେ ଚନ୍ଦୁ ସିଆର୍‌ପି ଛକ ଆଡେ ଯାଉଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ତାଙ୍କ ପାଖରୁ ୨ଟି ଲାପଟପ୍ ଓ ୨ଟି ମୋବାଇଲ ଜବତ ହୋଇଥିଲା। ପରେ ପୋଲିସ ଟିମ୍ ଭୁବନେଶ୍ୱର ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମ–୬ରେ ଚଢ଼ାଉ କରି କାଳିଆପାନଙ୍କୁ ଧରିବା ସହ ତାଙ୍କଠାରୁ ୨ଟି ଲାପ୍‌ଟପ ଏବଂ ଗୋଟିଏ ମୋବାଇଲ ଜବତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ କିଛିଦିନ ତଳେ ନିଜ ଗାଁକୁ ଯାଉଥିବା ବାଟରେ ପୋଲିସ ହାବୁଡରେ ପଡି ପୁଣି ଭୁବନେଶ୍ୱର ଖସି ଆସିଥିଲେ। ସେମାନେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ୩୨ଟି ଲାପଟପ ଏବଂ ୪୪ଟି ମୋବାଇଲ ସହ କିଛି ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଚୋରି କରି ନିଜ ଗାଁକୁ ଫେରୁଥିବା ବେଳେ ପେରାମ୍ବୁର ଷ୍ଟେଶନ ନିକଟରେ ରେଲ୍‌ୱେ ପୋଲିସ ସେମାନଙ୍କୁ ପିଛା କରିବା ଦେଖି ଚୋରା ମାଲ୍ ଛାଡି ଦେଇଥିଲେ। ଉଭୟଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪୨ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



## ସଂକ୍ଷେପରେ

### ରେଳଧାରଣା ନିକଟରୁ ମୃତଦେହ ଜବତ

ବାଲିଚନ୍ଦ୍ରପୁର,୧୭।୪(ଗିରିଜା ପ୍ରସାଦ ସାହୁ): ହରିଦାସପୁର-ପାରାଦୀପ ରେଳପଥର ମହିପୁର ଗ୍ରାମ ନିକଟ ରେଳ ଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଛି । ମୃତକଙ୍କ ବୟସ ୫୦ ରୁ ୫୫ ବର୍ଷ ହେବ। ଗୁରୁବାର ସକାଳୁ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ରେଳବାଇ ପୋଲିସକୁ ଖବର ଦେଇଥିଲେ। ଜିଆରପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତକଙ୍କ କୌଣସି ପରିଚୟ ମିଳିପାରିନାହିଁ।

### ୧୦ମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମବରଦା,୧୭।୪(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଆରମବାଗ ମସ୍‌ଜିଦ ନିକଟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେହି ଗ୍ରାମର ସେକ୍ କସରଙ୍କ ଝିଅ ଆଫିଆ ସେକ୍(୧୬) ବ୍ରହ୍ମବରଦା ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ। ସବୁଦିନ ପରି ଗୁରୁବାର ଛାତ୍ରୀ ଜଣଙ୍କ ବିଦ୍ୟାଳୟରୁ ଫେରିଥିଲେ। ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷେ ଏନେଇ ବ୍ରହ୍ମବରଦା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ମେସର୍ସ ମେଡିଆଡ୍ କମ୍ପାନୀକୁ ବିରୋଧ

ଜେନାପୁର,୧୭।୪(ଅଶୋକ ଦାସ ) ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଏଣ୍ଡଳବା ପଞ୍ଚାୟତ ଟେଣ୍ଟଳ ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ମେଡିଆଡ୍ କମ୍ପାନୀକୁ ଗ୍ରାମବାସୀ ବିରୋଧ କରିଛନ୍ତି । ପ୍ରଥମେ ଗାଁରେ ମେଡିକାଲ ପ୍ରତିଷ୍ଠା କର ତା' ପରେ କମ୍ପାନୀ ପ୍ରତିଷ୍ଠା କରିବାକୁ ସେମାନେ ଦାବି କରିଛନ୍ତି । ଏପରି କି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଆୟୋଜିତ ଜନ ଶୁଣାଣୀ ଶିବିରକୁ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି । ସୂଚନା ଅନୁଯାୟୀ ଏହି କମ୍ପାନୀ ଡାକ୍ତରଖାନାର ଜୈବ ବର୍ଜ୍ୟବସ୍ତୁ ନଷ୍ଟ, ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବା ପାଇଁ କାମ କରିବ ବୋଲି ସରକାରଙ୍କ ପକ୍ଷରୁ ଅନୁମତି ପାଇଥିଲା। ହେଲେ କମ୍ପାନୀ ପ୍ରତିଷ୍ଠା ହେବା ଜାଗାକୁ ସ୍ଥାନୀୟ ଲୋକମାନେ ବିରୋଧ କରିଥିଲେ । ମାଲହାଟଠାରେ ଏହି ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା । ଉପସ୍ଥିତ ଅଧିକାରୀମାନଙ୍କଠାରୁ ସମସ୍ତ ତଥ୍ୟ ଶୁଣିବା ପରେ ସ୍ଥାନୀୟ ମହିଳା ଓ ପୁରୁଷ ଏହାର ଘୋର ବିରୋଧ କରିଥିଲେ। ୧୧ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ପ୍ରଥମେ ବିରୋଧ କରିବାରୁ ତାଙ୍କ ସମର୍ଥନରେ ସମସ୍ତ ଗ୍ରାମବାସୀ ବାହାରି ଥିଲେ । ଉକ୍ତ ପଞ୍ଚାୟତରେ ମେଡିକାଲର ଆବଶ୍ୟକ ରହିଛି, ମେଡିକାଲ ହେଲେ ଆମେ ସମସ୍ତେ ସହଯୋଗ କରିବୁ ବୋଲି କହିବା ସହ ଜନଶୁଣାଣୀ ବୈଠକ ଛାଡ଼ି ବାହାରେ ଧାରଣା ଦେଇଥିଲେ। ପରେ ଅଧିକାରୀମାନଙ୍କୁ ସେଠାରୁ ଛାଡି ଚାଲିଯିବା ପାଇଁ ଗ୍ରାମବାସୀ କହିବା ସହ ହଲ ଭିତରେ ପସି ଚେୟାର ଫିଙ୍ଗା ଫୋପଡ଼ା କରିଥିଲେ। ଲୋକଙ୍କ ଉତ୍ତେଜନା ପରେ ବାଧହୋଇ ଉପସ୍ଥିତ ସମସ୍ତ ଅଧିକାରୀ ଜନଶୁଣାଣୀକୁ ବନ୍ଦ ଘୋଷଣା କରି ପଳାଇ ଯାଇଥିଲେ।

# ଜଙ୍ଗଲ ଜମିରେ ଅଣଓଡ଼ିଆ ଠିକାଦାରଙ୍କ ପାର୍କିଂ, ଷ୍ଟକ୍‌ୟାର୍ଡ



ଅଣଓଡ଼ିଆ ଠିକାଦାରଙ୍କ ଦ୍ୱାରା ଜବରଦଖଲ ହୋଇଥିବା ଜଙ୍ଗଲ ଜମି ।

- ରାଜସ୍ୱ, ଜଙ୍ଗଲ ବିଭାଗ ଦେଖି ଅଜଣା
- କାର୍ଯ୍ୟାନୁଷ୍ଠାନ ଦାବିକଲେ ବୁଦ୍ଧିଜୀବୀ

**କଳିଙ୍ଗନଗର,୧୭।୪(ଶୁଭାଶିଷ ରାଉତ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅନେକ ଏକର ସରକାରୀ ଜମି ଓ ଜଙ୍ଗଲ କିସମ ଜମିକୁ ବେଧଡ଼କ ଭାବେ ଜବରଦଖଲ ବଢ଼ି ଚାଲିଛି । ରାଜସ୍ୱ ଓ ଜଙ୍ଗଲ ବିଭାଗ ଏସବୁ ଦେଖି କିଛି ନ ଜାଣିବାର ଅଭିନୟ କରୁଛି । ଦାନଗଦୀ ତହସିଲ ଅନ୍ତର୍ଗତ ନଡ଼ିଆଭଙ୍ଗା ମୌଜାର ଖାତାନଂ.୯୦, ପ୍ଲଟନଂ.୯୩ ଓ ୧୦୩ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି । ଏକରରୁ ଊର୍ଦ୍ଧ୍ୱ ଜାଗାରେ ଜଣେ ଅଣ ଓଡ଼ିଆ ଠିକାଦାର ଗାଡି ପାର୍କିଂ କରିବା ସହ ଷ୍ଟକୟାର୍ଡ଼ ଭାବେ ବ୍ୟବହାର କରୁଛନ୍ତି । ଏହି ଗାଡ଼ି ପାର୍କିଂ ଓ ଷ୍ଟକ୍‌ୟାର୍ଡ ଡୁବୁରୀରୁ ଦୈତାରୀ ରାଜ୍ୟ ରାଜପଥରେ ଯିବାବେଳେ ରାସ୍ତାପାର୍ଶ୍ୱରେ ଜାମୁପଶୀ ନିକଟରେ ହୋଇଛି। ଏହି ଜମିର କିସମ ଶାଳ ଜଙ୍ଗଲ (ଅନାବାଦୀ )ଥିବା ବେଳେ ସେଠିାରେ ଆଗରୁ ଝାଟି ଜଙ୍ଗଲ ଥିଲା । ଏହି ସରକାରୀ ଜମିରୁ ଧୀରେ ଧୀରେ ଜଙ୍ଗଲ ସଫାକରି ଜଙ୍ଗଲ ଓ ରାଜସ୍ୱ ବିଭାଗ ଜାଣତରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ୟୁଏଇ ନାମକ ଜଣେ ଅଣ ଓଡ଼ିଆ ଠିକାସଂସ୍ଥାକୁ ମାସକୁ ଲକ୍ଷାଧିକ ଟଙ୍କାରେ ଭଡ଼ା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି। ଜଣେ ଠିକାଦାର ଏହି ଜାଗାକୁ ପାଚେରୀ କରି ମାଡି ବସି ଶତାଧିକ ଭାରୀ ଯାନ ପାର୍କିଂ କରିଛନ୍ତି । ଫଳରେ ମାତ୍ରାଧିକ ଧୂଳି ଉଡି ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଟ୍ରାଫିକ ସମସ୍ୟା ଚିନ୍ତାର କାରଣ ହୋଇଛି । କଳିଙ୍ଗନଗରରେ ଶିଳ୍ପଜନିତ ପ୍ରଦୂଷଣ ଜଙ୍ଗଲ ଓ ସବୁଜ ବଳୟ ଅଭାବ କାରଣରୁ ବୃଦ୍ଧି ପାଉଛି । ପ୍ରଶାସନ ଜଙ୍ଗଲ ଜମିରେ ଚାରା ରୋପଣ କରିବା ପରିବର୍ତ୍ତେ ଜଙ୍ଗଲ ସଫା କରାଯାଉଛି।

ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପାଇଁ ଦାନଗଦି ତହସିଲଦାର ରଞ୍ଜିତ ମଳିକଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ରିସିଭ କରି ନ ଥିଲେ । ସେହି ଜଙ୍ଗଲ ଜମିକୁ ଅଣ ଓଡ଼ିଆ ଠିକାଦାରଙ୍କ କବ୍‌ଜାରୁ ଉଦ୍ଧାର କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି।

# ସରକାରୀ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ

**ବରୀ,୧୭।୪(ମହେନ୍ଦ୍ର ସ୍ୱାଇଁ):** ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ହେଲେ ଏହି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଚିନ୍ତାର କାରଣ ହୋଇଛି । ଏଥିପାଇଁ ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଗତ ଜାନୁଆରୀରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକ ଏବଂ ୮୦% ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ବାବଦରେ ଦିଆଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ବରୀ ବ୍ଲକରେ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବହୁ ଯୋଗ୍ୟ ହିତାଧିକାରୀ ସେମାନଙ୍କ ବୟସ ୮୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଆବଶ୍ୟକ ଭତ୍ତା ପାଉ ନାହାନ୍ତି। ସେହିପରି ୮୦ ପ୍ରତିଶତ ଦିବ୍ୟାଙ୍ଗ ସରକାରଙ୍କ ନିର୍ଦ୍ଦେଶ ପରେ ବି ଏହି ଯୋଜନାରେ ସାମିଲ ହୋଇ ନ ପାରିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବ୍ଲକ ପ୍ରଶାସନ ତରଫରୁ ପତ୍ର ସଂଖ୍ୟା ୧୩୮୪ ତା ୩।୪।୨୦୨୫ ରିଖରେ ଏହି ବ୍ଲକରେ ମୋଟ ୧୧୪୩ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଓ ୮୦ପ୍ରତିଶତ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ଜିଲା ପ୍ରଶାସନକୁ ପତ୍ରମାଧମରେ ଅବଗତ କରାଯାଇଛି । ହେଲେ ଜିଲା ପ୍ରଶାସନ ସେହି ଯୋଗ୍ୟବ୍ୟକ୍ତିଙ୍କ ନାମ ତାଲିକା ବ୍ଲକ ପ୍ରଶାସନକୁ ଦେଇ ନ ଥିବାରୁ ସେମାନେ ଚଳିତ ମାସରେ ଉପରୋକ୍ତ ଯୋଜନାରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିଦ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି, ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀମାନଙ୍କୁ ପତ୍ର ସଂଖ୍ୟା ୩୩୬,ତା.୨।୩।୨୦୨୫ରେ କେଉଁ ପଞ୍ଚାୟତରେ କେତେ ଯୋଗ୍ୟ ହିତାଧିକାରୀ ଅଛନ୍ତି ସେମାନଙ୍କ ନାମ ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନାମ ତାଲିକା ଦେବାରେ ବିଳମ୍ବ ହୋଇଥିବାରୁ ସେହି ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି ।

# ଲୋଡିଂ ଶ୍ରମିକ ନିଯୁକ୍ତି, ଇପିଏଫ୍ ଡିପୋଜିଟ ଦାବିରେ ଧାରଣା

**କାଳିଆପାଣି ୧୭।୪(ଅସିତ୍ ମହାନ୍ତ):** ଇମ୍ପା ଖଣିର ଛଟେଇ ଲୋଡିଂ ଶ୍ରମିକ ନିଯୁକ୍ତି ଓ ଇପିଏଫ୍ ଡିପୋଜିଟ ପାଇଁ ଓଡ଼ିଶା ମାଇନିଂ ୱାର୍କସ ୟୁନିୟନ ପକ୍ଷରୁ ଗତ ମାସରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ୭ ଦିନ ଭିତରେ ଦାବି ପୂରଣ କରିବାକୁ ଦାବି କରାଯାଇଥିଲା । ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗୁରୁବାର ସକାଳୁ ସଂଘ ପକ୍ଷରୁ ଖଣି ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା । ସଂଘ ସାଧାରଣ ସମ୍ପାଦକ ଅମଳନ୍ଦୁ ବେହୁରାଙ୍କ ନେତୃତ୍ୱରେ ଇମ୍ପା ଶାଖା ସମ୍ପାଦକ ଜାହଲାଲ ମହାନ୍ତ , ଅମର ଦେହୁରୀ ସହ ଖଣିରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ଧାରଣା ଦେଇଥିଲେ । କାମ ହରାଇ ଆର୍ଥିକ ଅନାଟନରେ ଜୀବନ ବିତାଉଥିବା ବେଳେ ପରିବାର ଚଳାଇବା ଅସମ୍ଭବ ହୋଇପଡ଼ିଥିବା ଶ୍ରମିକ ମାନେ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ଶ୍ରମିକମାନେ ଦୀର୍ଘ ୨୪ ବର୍ଷଧରି ଖଣି କାର୍ଯ୍ୟ କରି ଆସୁଥିବା ବେଳେ କରୋନା ସମୟରୁ ଖଣିକୁ ଲୋଡିଂ ଶ୍ରମିକ ପଶିବା ବନ୍ଦ କରି ଦିଆ ଯାଇଥିଲା। ସେ ସମୟର ମେଶିନ ଦ୍ୱାରା କ୍ରୋମାଇଟ ଲୋଡିଂ କରାଯାଇ ଶ୍ରମିକଙ୍କୁ ଲୋଡିଂ ଅର୍ଥ ଦିଆ ଯାଇଥିଲା । ହେଲେ ଶ୍ରମିକଙ୍କ ଲିଡରମାନେ ଅର୍ଥକୁ ଆଣି ନିଜେ ଆତ୍ମସାତ କରିଥିଲେ । କେହି ଶ୍ରମିକ ଏପରି ବେନିୟମ କାର୍ଯ୍ୟକୁ ବିରୋଧ କଲେ ଠିକାଦାର ତାଙ୍କ କାମ ବନ୍ଦ କରି ଦେଉଥିଲେ । ହେଲେ ସେହି ଖଣିରେ ନୂତନ ଶ୍ରମିକ ସଂଘ ଓଡ଼ିଶା ମାଇନିଂ ୱାର୍କର ୟୁନିୟନ କାର୍ଯ୍ୟ କରିବା ପରେ ଶ୍ରମିକଙ୍କ ଦୁଃଖ ବୁଝିବା ସହ ସେମାନଙ୍କ ପାଇଁ ଲଢେଇ ଜୋରଦାର କରିଛନ୍ତି । ଶ୍ରମିକଙ୍କୁ ହକ ନ ମିଳିବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବା ବୋଲି ସଂଘ ସାଧାରଣ ସମ୍ପାଦକ ବେହୁରା ପ୍ରକାଶ କରିଛନ୍ତି ।



ଧାରଣାରେ ବସିଥିବା ଶ୍ରମିକମାନେ ।

## ଶିଶୁପୁତ୍ରଙ୍କୁ ଉଦ୍ଧାର କଲା ଯାଜପୁର ପୋଲିସ, ଜଣେ ଗିରଫ

**ଯାଜପୁର ଟାଉନ,୧୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :** ଯାଜପୁର ଟାଉନ ଥାନା ପୋଲିସ ଜଣେ ଶିଶୁପୁତ୍ରଙ୍କୁ ଅପହରଣର ୧୪ଘଣ୍ଟା ଭିତରେ ଉଦ୍ଧାର କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି ପଚରାଉଚୁରା କରୁଛି । ସୂଚନା ଅନୁଯାୟୀ,ଯାଜପୁର ଟାଉନ ଥାନା ଚଇନପୁର ପଞ୍ଚାୟତ କମାଗଡ଼ ବିଦ୍ୟାଧରପୁର ଗ୍ରାମର ଦୁର୍ଯ୍ୟୋଧନ ବାରିକଙ୍କ ପୁଅ ଆକାଶ(୭) ଗତ ବୁଧବାର ସ୍କୁଲରୁ ଘର ଫେରି ଘରେ ବହିପତ୍ର ରଖି ଖେଳିବାକୁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର ସମ୍ପର୍କୀୟ ମାମୁ ସୁବାସ ପ୍ରଧାନ(୨୩)ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇ ଯାଇଥିଲେ। ଏପରିକି ସୁବାସ ଆକାଶଙ୍କ ମା' ସହିତ କଥା ହେବା ସହ ପୁଅକୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଆକାଶଙ୍କ ମା' କୁମୁଦ ବାରିକ ଗୁରୁବାର ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁବାସ ମୁଦୁଲିଙ୍କୁ ତଦନ୍ତ ଆରମ୍ଭ କରି ଯାଜପୁରରୋଡ଼ ରେଳ ଷ୍ଟେଶନ ନିକଟରୁ ଆକାଶଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ସୁବାସଙ୍କୁ ଗିରଫ କରି ଯାଜପୁର ଥାନାକୁ ଆଣିଥିଲେ। ଶିଶୁପୁତ୍ରର ବୟାନ ରେକର୍ଡ଼ କରାଯିବା ସହ ମେଡ଼ିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମା' କୁମୁଦ ବାରିକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ସୁବାସ ପୂର୍ବରୁ କୌଣସି ମାମଲାରେ ସଂପୃକ୍ତ ଥିଲେ କି ନାହିଁ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ଏଏସ୍‌ଆଇସ୍ତରରେ ଅଦଳବଦଳ

**ପାଣିକୋଇଲି,୧୭।୪(ବିକାଶ ମଲିକ):** କନେଷ୍ଟବଳରୁ ପଦୋନ୍ନତୀ ପାଇ ଟ୍ରେନିଂ ସାରିବା ପରେ ରାଜ୍ୟ ପୋଲିସସ୍ତରରେ ଅଦଳବଦଳ ହୋଇଛି । ଏହି କ୍ରମରେ ରାଜ୍ୟର ଅନ୍ୟ ଜିଲାରୁ ୩୨ଜଣ ଏଏସ୍‌ଆଇ ଯାଜପୁର ଜିଲାକୁ ଆସିଥିବା ବେଳେ ଯାଜପୁର ଜିଲାର ୧୬ ଜଣଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି । ସେହିପରି ରାଜ୍ୟର ବିଭିନ୍ନ ଜିଲାରୁ ପୂର୍ବରୁ କାର୍ଯ୍ୟରତ ଏଏସ୍‌ଆଇଙ୍କ ବିଭିନ୍ନ ଜିଲାକୁ ବଦଳି କରାଯାଇଛି । ରାଜ୍ୟର ୧୧୩ ଜଣଙ୍କୁ ବିଭିନ୍ନ ଜିଲାକୁ ବଦଳି କରାଯାଇଥିବା ବେଳେ ଯାଜପୁର ଜିଲାରୁ ୧୨ ଜଣଙ୍କର ଅନ୍ୟ ଜିଲାକୁ ବଦଳି ହୋଇଥିବା ଜଣେ ମାତ୍ର ଯାଜପୁର ଜିଲ୍ଲାକୁ ଆସିଛନ୍ତି ।

# ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବିଞ୍ଝାରପୁରରେ ଆୟୋଜିତ ସଭାରେ ବିଜେଡି ନେତା ଓ କର୍ମୀ ।

ବିଞ୍ଝାରପୁର/ସିଂହପୁର,୧୭।୪(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ) ଗୁରୁବାର ବିଞ୍ଝାରପୁର ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ବିଞ୍ଝାରପୁର କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜେଡି ବ୍ଲକ ସଭାପତି ନନ୍ଦ କିଶୋର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟା ସୁନିତା ନାୟକ,ମାମିନା ମଲିକ ,ଖଗେଶ୍ୱର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ ,ଯୁବ ବିଜେଡି ସଭାପତି ଦିଲୀପ କୁମାର ରାଉଳ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**ଧର୍ମଶାଳା,(ବଟକୃଷ୍ଣ ପରିଡ଼ା):** ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ଡ. ପ୍ରିୟନାଥ ମହାପାତ୍ର, ଉତ୍କଳମଣୀ ଦାସ, ସନ୍ତୋଷ କୁମାର ଜେନା, ଅମରେନ୍ଦ୍ର ରାୟ, ବଟକୃଷ୍ଣ ରାଉତ, ରାଜକିଶୋର ମହାନ୍ତି, ଯୁବ ସଭାପତି କ୍ଷିତିଶ ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଜିଲାପରିଷଦ ସଭ୍ୟ ସୁଧାଂଶୁ ସାହୁ, ଚକ୍ରଧର ବେହେରା, ପ୍ରସନ୍ନ ରାଉତ, ଚନ୍ଦ୍ରଶେଖର ସ୍ୱାଇଁ, ମମତା ଦଣ୍ଡପାଟ, ହରିହରି ମଲିକ, କାର୍ତ୍ତିକ ମଲିକ ପ୍ରମୁଖ ଯୋଗ ଦେଇ ବିଜୁବାବୁଙ୍କ ସାହାସିକତା, ଓଡ଼ିଶା ପାଇଁ ତାଙ୍କ ଅବଦାନ ଓ ମହିଳାଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ସଂରକ୍ଷଣ ଉପରେ ବକ୍ତବ୍ୟ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ. ପ୍ରିୟନାଥ ମହାପାତ୍ର ସଭାକୁ ପରିଚାଳନା କରିଥିଲେ । ନିର୍ମଳ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ଧର୍ମଶାଳାରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି ।

# ଟାଟା ଷ୍ଟିଲ୍ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା


ବିଭାଗୀୟ ଅଧିକାରୀଙ୍କ ଗହଣରେ ଅଙ୍ଗନୱାଡି କେନ୍ଦ୍ରର ପିଲାମାନେ ।

**କଳିଙ୍ଗନଗର,୧୭।୪(ଶୁଭାଶିଷ ରାଉତ):** ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଦାନଗଦି ବ୍ଲକ ରଣଗୁଣ୍ଡି ପଞ୍ଚାୟତ ଘାଟିସାହିବାସିନ୍ଦାଙ୍କ ପାଇଁ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ଲୋକାର୍ପଣ କରାଯାଇଛି। ଘାଟିସାହିରେ ବସବାସ କରୁଥିବା ଅନୁସୂଚିତ ଜାତି/ଜନଜାତି ସମୁଦାୟର ପ୍ରାୟ ୮୦ ପରିବାରର ପ୍ରାରମ୍ଭିକ ଶିଶୁ ପୁଷ୍ଟିସାଧନ ଏବଂ ଗର୍ଭବତୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହି କେନ୍ଦ୍ରର ସ୍ଥାପିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ (ଏନଆଇଏନଏଲ)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ମେହେଟ୍ଟା, ରଣଗୁଣ୍ଡି ପଞ୍ଚାୟତ ସରପଞ୍ଚ ତୁଷାର ଜେନା, ଦାନଗଦୀ ବ୍ଲକ ସିଡିପିଓ (ଚାଇଲ୍ଡ ଡେଭଲପମେଣ୍ଟ ପ୍ରୋଜେକ୍ଟ ଅଫିସର) ନନ୍ଦିନୀ ପ୍ରଭା ଲେଙ୍କା ଓ କଳିଙ୍ଗନଗର, ଟାଟା ଷ୍ଟିଲ ଫାଉଣ୍ଡେଶନ ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଆଖପାଖ ଗ୍ରାମର ଅଙ୍ଗନୱାଡି କର୍ମୀ, ଶିଶୁ ଓ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଆଇଏନ୍‌ଏଲ୍ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ମେହେଟ୍ଟା କହିଥିଲେ ଏନ୍‌ଆଇଏନ୍‌ଏଲ ଓ ଟାଟା ଷ୍ଟିଲ ଫାଉଣ୍ଡେଶନ ଏହି ଅଞ୍ଚଳରେ ଗରିବ ମହିଳା ଓ ଶିଶୁମାନଙ୍କ ସହ କାମ କରିବାକୁ ଗୁରୁତ୍ୱ ଦେଉଛି। ସେ ଦିଗରେ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ଏହି ନୂତନ ଅଙ୍ଗନୱାଡି କେନ୍ଦ୍ର ସେଥିମଧ୍ୟରୁ ଅନ୍ୟତମ। ଏହି କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବ ଓ ଭବିଷ୍ୟତରେ ଶିକ୍ଷା ବିକାଶ ପାଇଁ ସହାୟକ ହେବ।

# ବ୍ଲକ୍ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

**ଦଶରଥପୁର,୧୭।୪ (ସୁଶାନ୍ତ କୁମାର ବେହୁରିଆ ) :** ଗୁରୁବାର ସନ୍ଧ୍ୟାରେ ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଥାଲକୁଡ଼ିସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରୁ ମଙ୍ଗଳପୁର ବଜାରସ୍ଥିତ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ନାରୀ ନିର୍ଯାତନା , ବଳାତ୍କାର, ଶିଶୁ ଅପହରଣ, ରନ୍ଧନ ଗ୍ୟାସ ଓ ପେଟ୍ରୋଲ ଦରରେ ଅହେତୁକ ବୃଦ୍ଧି, ଘରୋଇ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ବ୍ଲକ କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦୀପ୍ତ କର, ବିଂଝାରପୁର ବିଧାନସଭା ବିଧାୟିକା ପ୍ରାର୍ଥୀ କନକଲତା ମଲିକ , ଯୁବନେତା ଚନ୍ଦ୍ର ଶେଖର ସାହୁ, ଅମ୍ବିକା ରାଉତ, ମଦନ ମଲିକ, ଶେଖର ସମ୍ବିତ ଧଳ , ଅନ୍ତନ ଜେନା, ଅକ୍ଷୟ ନାୟକ, ଅନୁପମ ମଲିକ, ଏକାଦଶ ତ୍ରିପାଠୀ,ଗୋବିନ୍ଦ ସାହୁ, ସତ୍ୟଜିତ ନନ୍ଦ , ରବିନାରାୟଣ ଜେନା, ରମାକାନ୍ତ ସେଠୀ, ରାଜୀବ ମଲିକ, ସୌମ୍ୟରଞ୍ଜନ ବେହେରା , ଦେବକାନ୍ତ ପତି, ବୃନ୍ଦାବନ ଯେନା, ବିଚିତ୍ର ମଲିକ, ଅଜୟ ନାୟକ ପ୍ରମୁଖ ସାମିଲ ଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ନକୁଳଦେବ ସାହୁ ଯୋଗଦେଇଥିଲେ । ଶୋଭାଯାତ୍ରା ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।



ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା ।

# ଜଳ ସିଂହାସନରେ ଅବସ୍ଥାନକଲେ ନାରାୟଣ ଗୋସାଇଁ

## ସିଂହାପୁର ଯାତ୍ରା ଉଦ୍‌ଯାପିତ

**ରସୁଲପୁର,୧୭।୪(ରଞ୍ଜିତ ରାଉତ):** ଯାଜପୁର ଜିଲା ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତରେ ପ୍ରଭୁ ନାରାୟଣ ଗୋସାଇଁଙ୍କ ସ୍ଥଳଦେଶ ଯାତ୍ରା ଐତିହାସିକ ସିଂହାପୁର ଯାତ୍ରା ଭାବେ ପରିଚିତ । ଏହି ଯାତ୍ରା ଅବସରରେ ପ୍ରଭୁ ନାରାୟଣ ଗୋସାଇଁ ଜଳ ସିଂହାସନ ତ୍ୟାଗ କରି ୩ ଦିନ ପାଇଁ ସ୍ଥଳ ଦେଶ ମନ୍ଦିରରେ ପୂଜା ପାଆନ୍ତି । ପ୍ରଭୁଙ୍କ ଏହି ବିରଳ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଜମିଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପଣାସଂକ୍ରାନ୍ତିରେ ଠାକୁର ମଧୁତୀର୍ଥ ପୁଷ୍କରଣୀ ଜଳରୁ ବାହାରକୁ ଆସିଥିଲେ। ସ୍ଥଳଦେଶ ସିଂହାସନ ଅବସ୍ଥାପିତ ହେବା ପରେ ଠାକୁରଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ଭକ୍ତମାନଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେଇଥିଲେ । ମଧୁପୁର ରାଜ ପରିବାର ପକ୍ଷରୁ ସେବକମାନେ ନିୟୋଜିତ ହୋଇ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ । ୩ଦିନ ମନ୍ଦିରରେ ପୂଜା ପାଇ ୪ର୍ଥ ଦିବସର ପ୍ରତ୍ୟୁଷରେ ପୁଷ୍କରଣୀ ଜଳରେ ପ୍ରବେଶ କରିଥିଲେ । ଭକ୍ତ ଓ ସେବକମାନଙ୍କ ଦ୍ୱାରା ଜଳକ୍ରୀଡା କରାଯାଇ ପ୍ରଭୁଙ୍କୁ ଜଳାଦେଶ ମନ୍ଦିରରେ ଅବସ୍ଥାନ କରାଯାଇଥିଲା।



ସେଠାରେ ପ୍ରଭୁ ନାରାୟଣ ଗୋସାଇଁ ବର୍ଷକ ୩୬୫ଦିନ ମଧ୍ୟରୁ ୩୬୨ଦିନ ଲୁଚି ରହନ୍ତି। ଇତିହାସ ପୃଷ୍ଠାରୁ ଜଣାଯାଏ କଳାପାହାଡ ଆକ୍ରମଣରୁ ପ୍ରଭୁ ନାରାୟଣ ଗୋସାଇଁଙ୍କୁ ସୁରକ୍ଷା ଦେବା ପାଇଁ ତତ୍କାଳୀନ ରାଜା ଠାକୁରଙ୍କୁ ପୁଷ୍କରଣୀ ଜଳରେ ଲୁଚାଇ ରଖିଥିଲେ। ବର୍ଷକରେ ଥରେ ପ୍ରଭୁ ୩ଦିନ ପୂଜା ପାଇବା ଓ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ ବାହାରକୁ ଆସନ୍ତି। ଏହି ସମୟରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗକୁ ହାତଛଡା କଲେ ଭକ୍ତମାନଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ ବୋଲି ଜାଣି ଭକ୍ତମାନେ ବହୁ ସଂଖ୍ୟାରେ ଆସିଥାଆନ୍ତି । ଏହି ପୂଜା ସମ୍ପୂର୍ଣ୍ଣ ଭାବେ ରାଜପରିବାର ନୀତିନିର୍ଘଣ୍ଟ ଅନୁଯାୟୀ କରାଯାଇଥାଏ । ମାତ୍ର ସ୍ଥାନୀୟ ଅଞ୍ଚଳରେ ଏକ ଅସ୍ଥାୟୀ ଯାତ୍ରା ପରିଚାଳନା କମିଟି ଗଠନ କରାଯାଇଛି । ଏହାଦ୍ୱାରା ଯାତ୍ରାକୁ ବ୍ୟବସାୟୀ କରଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଯାତ୍ରା ଅବଧିକୁ ୩ଦିନ ବଦଳରେ ୫ଦିନ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ପରମ୍ପରା ଅନୁଯାୟୀ ପ୍ରଭୁ ଜଳାଗମନ କରନ୍ତି। ସ୍ଥଳଦେଶ ମନ୍ଦିରରେ ଠାକୁରଙ୍କ ଅନୁପସ୍ଥିତିରେ ଆହୁରୀ ୨ଦିନ ପର୍ଯ୍ୟନ୍ତ ବ୍ୟବସାୟିକ ଉଦ୍ଦେଶ୍ୟରେ ଯାତ୍ରା ପରିଚାଳନା କରାଯାଏ । ଏହି ଆଳରେ ଯାତ୍ରା ପଡିଆରେ ବ୍ୟବସାୟ କରିବା ସକାଶେ ଦୋକାନ ବଜାର ଖୋଲିଥାନ୍ତି। ଦୋକାନୀମାନଙ୍କଠାରୁ ମୋଟା ଅଙ୍କର ମାହାସୁଲ ଆଦାୟ କରାଯାଏ । ଏ ବାବଦରେ ରାଜପରିବାର ଅବଗତ ନ ଥିବା ସୂଚନା ମିଳିଛି । ତେବେ ଆଦାୟ ହେଉଥିବା ଅର୍ଥ କ'ଣ ହୁଏ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଅଗ୍ନିକାଣ୍ଡରେ ଜଳିଗଲା ଘର**

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଗାଁରେ ବୁଧବାର ରାତିରେ ଅଗ୍ନିକାଣ୍ଡରେ କୋଠାଘର ଜଳିଯାଇଛି। ରାତି ୮ ଟାରେ ବିଦ୍ୟୁତ ଶଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡରେ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା କୋଠାଘର ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବା ବେଳେ କିଛି ସ୍ଥାନରେ ଫାଟି ଯାଇଛି। ଗାଁ ଲୋକ ଓ ଅଗ୍ନିଶମ ବାହିନୀ ସତଚେଷ୍ଟା କରି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡି ସାରିଥିଲା।

# ଜମ୍ବୁ-ମାର୍ଶାଘାଇ କେନାଲ, ବିଜ୍ଞାନ ପାର୍କ ନିର୍ମାଣ ହେବ


ଜମ୍ବୁ ଦ୍ୱୀପ ମହୋତ୍ସବରେ ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟମାନେ।

**ମହାକାଳପଡ଼ା, ୧୭।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

## ଜମ୍ବୁ ଦ୍ୱୀପ ମହୋତ୍ସବର ୩ୟ ସନ୍ଧ୍ୟା

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ମା' ଦରିଆ ରାମଚଣ୍ଡୀ ମନ୍ଦିର ପରିସରରେ ପ୍ରଥମ କରି ଜମ୍ବୁ ଦ୍ୱୀପ ମହୋତ୍ସବର ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇଥିଲେ। ପ୍ରଥମେ ମା'ଙ୍କ ପୀଠରେ ସନ୍ଧ୍ୟା ଆଳତୀରେ ସାମିଲ ହେବା ପରେ ପଟୁଆରରେ ମହୋତ୍ସବରେ ପହଞ୍ଚି ଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ସ୍ୱାଗତ ଭାଷଣ ପରେ ବିଧାୟକ ନାୟକ ଜମ୍ବୁ ଦ୍ୱୀପ ମହୋତ୍ସବରେ ଉପସ୍ଥିତ ଅତିଥି ଓ ଦର୍ଶକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆମ ଅଞ୍ଚଳ ଧାନ ଓ ମୀନ ଉପରେ ନିର୍ଭରଶୀଳ ବୋଲି ସେ କହିଥିଲେ। ଜମ୍ବୁ- ମାର୍ଶାଘାଇ ମୁଖ୍ୟ କେନାଲକୁ ବ୍ରିଟିଶ ସରକାର ନିର୍ମାଣ କଲା ବେଳେ ଅଞ୍ଚଳର ଶ୍ରମିକ ମୁଣ୍ଡ ଖାଳ ତୁଣ୍ଡରେ ବୋଲି କାମ କରିଥିଲେ। ମୁଖ୍ୟଅତିଥିଙ୍କୁ ଜିଲାରେ ଏକ ଅତ୍ୟାଧୁନିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବାକୁ କହିଥିଲେ। ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ପାତ୍ର କହିଥିଲେ, ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି କାମ କରି ଦେଖାନ୍ତି। ଯାହା ସବୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲୁ ତାହାକୁ ପୂରଣ କରୁଛୁ। ଜମ୍ବୁ କେନାଲ ଦେଖି ମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ଏହି କେନାଲର ପୁନରୁଦ୍ଧାର ପାଇଁ ହଜାରେ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ। ସେହିପରି ଜିଲାରେ ଅତ୍ୟାଧୁନିକ ବିଜ୍ଞାନ ପାର୍କ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲିକ, ଉପଜିଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ମହୋତ୍ସବ ଉପସ୍ଥିତ ରହି ସୁଚିନ୍ତିତ ମତାମତ ରଖିଥିଲେ। ଶେଷରେ ମୁଖ୍ୟ ଅତିଥି ମନ୍ତ୍ରୀ ପାତ୍ର କେତେଜଣ ବିଶେଷ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସମ୍ବଲପୁର ଡାଲ୍ ଖାଇ ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ଜମ୍ବୁ ଦ୍ୱୀପ ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁର ଡାଲ ଖାଇ ନୃତ୍ୟ, ସଙ୍ଗୀତରେ ଦର୍ଶକ ଝୁମିଥିଲେ। ପଶ୍ଚିମ ଓଡ଼ିଶାର ପ୍ରମୁଖ ଆରାଧ୍ୟ ଦେବୀ ମା' ସମଲେଇଙ୍କ ନିକଟରେ ପ୍ରଣିପାତ ହୋଇ ଡ଼ାଲ୍ ଖାଇ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ତାଳେ ତାଳେ ହାତରେ ହାତ ମିଶାଇ କଳାକାର ନୃତ୍ୟ ପ୍ରଦର୍ଶନ କରିଥିଲେ। ମା' ଡ଼ାଲ ଖାଇ ଡାଳକୁ ଦେବୀ ରୂପେ ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଜଗତର ମଙ୍ଗଳ ମନାସୀ ପୂଜାର୍ଚ୍ଚନା କରିବା ପଶ୍ଚିମ ଓଡ଼ିଶାର ଲୋକମାନଙ୍କ ବିଧି ରହିଛି ବୋଲି କୁହାଯାଇଛି। ଏହି ଅବସରରେ ଉପକୂଳ ଅଞ୍ଚଳରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ସଙ୍ଗୀତ ଘୁମୁରା ନାଚ, ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ମୂର୍ଚ୍ଛନାର ବାଦ୍ୟ ବାଦନରେ କମ୍ପି ଉଠିଲା ମହୋତ୍ସବ ମଞ୍ଚ। ପ୍ରଥମ ଥର ଉପକୂଳ ଅଞ୍ଚଳର ଦର୍ଶକ ବିଭୋର ହୋଇଥିଲେ।



କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଶଣ।

# ଜେଲରେ ଅଭିଯୁକ୍ତ, ଠକେଇ ନେଇ ଆଉ ଏକ ଅଭିଯୋଗ

**ରାଜନଗର, ୧୭।୪ (ଭାସ୍କର ରାଉତରାୟ)**

ବିଧବା ମହିଳାଙ୍କୁ ଜମି ଦେବାକୁ କହି ଜଣେ ବ୍ୟକ୍ତି ଟଙ୍କା ନେବା, ଜମି କବଲା ନ କରିବାରୁ ଟଙ୍କା ଫେରାଇବାକୁ ଦାବି ହୋଇଥିଲା। ପରେ ମହିଳାଙ୍କ ଘରେ ପଶି ବଳାତ୍କାର କରିବା ଓ ଏହାର ନଗ୍ନ ଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରିବା ଘଟଣାରେ ରାଜନଗର ଥାନା ପୋଲିସ ଅଭିଯୁକ୍ତ ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ରାଜନଗର ଥାନାରେ ଅଭିଯୁକ୍ତଙ୍କ ନାଁରେ ନମ୍ବର ୧୨୬/୨୫ରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଉ ଏକ ସଙ୍ଗୀନ ଅଭିଯୋଗ ଆସିଛି। ଜମି ଦେବାକୁ ୨ ବନ୍ଧୁଙ୍କଠାରୁ ଚେକ୍ ଓ ଫୋନ ପେ ମାଧ୍ୟମରେ ଟଙ୍କା ନେଇ ବଣ୍ଡ ପେପର ଲେଖି ଦେଇଥିଲେ ମଧ୍ୟ ଜମି ନ ଦେବା ଓ ଟଙ୍କା ନ ଫେରାଇ ଧମକ ଚମକ ଦେଇଥିବା ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅନ୍ଧାରୁଆ ଗାଁର ସୁନାକର ବାଇ କରିଥିବା ଅଭିଯୋଗ ମୁତାବକ, ପଟ୍ଟାମୁଣ୍ଡାଇ ବେଲତଳ ଗାଁର ସଞ୍ଜୟ କୁମାର ପଣ୍ଡା ତାଙ୍କୁ ଓ ତାଙ୍କ ବନ୍ଧୁ ଆଳି ଥାନା ଅନ୍ତର୍ଗତ ରାଉତା ଗାଁର ବିନୋଦ ନାୟକଙ୍କୁ ତାତନା ପାର୍କ ପାଖରେ ଜାଗା ଦେବାକୁ କହି ୨୦୨୩ ଜୁଲାଇ ୭ରେ ବଣ୍ଡ ପେପରରେ ଏଗ୍ରୀମେଣ୍ଟ କରି ଚେକ୍ ମାଧ୍ୟମରେ ୨ ଲକ୍ଷ ଓ ନଗଦ ୧ ଲକ୍ଷ ଟଙ୍କା ଓ ପରେ ଫୋନ ପେ ମାଧ୍ୟମରେ ୫୦ ହଜାର ଟଙ୍କା ନେଇଥିଲେ। ଆଜିକାଲି କହି ଜମି କବଲା କରି ନ ଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଗାଳି ଗୁଲଜ ସହ ମାରିବାକୁ ଧମକ ଚମକ ଦେଇଥିବା ନେଇ ସୁନାକର ଥାନାରେ ଅଭିଯୋଗ କରିଛନ୍ତି। ସୁନାକର ଅଭିଯୋଗ ସହିତ ସଞ୍ଜୟ କରିଥିବା ବଣ୍ଡ ପେପର ଓ ଫୋନ ପେର କପି ଥାନାରେ ଦେଇଛନ୍ତି।

## ଟଙ୍କା ନେଇ ଜମି ନ ଦେବା ଘଟଣା

# ନାବାଳିକାଙ୍କୁ ଅପହରଣ ଘଟଣାରେ ଏସ୍‌ପିଙ୍କୁ ଅଭିଯୋଗ

**ରାଜନଗର, ୧୭।୪ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଛି। ମାର୍ଚ୍ଚ ୧୩ ତାରିଖରୁ ନାବାଳିକାକୁ ଅପହରଣ କରାଯାଇଛି। ମାର୍ଚ୍ଚ ୧୫ ତାରିଖରୁ ନାବାଳିକାକୁ ଅପହରଣ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ନେଇ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ପରିବାର ଲୋକେ ଗୁରୁବାର ଅଭିଯୋଗ କରିଛନ୍ତି। ସାତଭାୟା ଅଞ୍ଚଳର ଜଣେ ଯୁବକ ନାବାଳିକାକୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ ବି ପୋଲିସର ନୀରବତା ସନ୍ଦେହ ବଢ଼ାଇଛି। କେତେଜଣ ଲୋକ ଥାନାରେ ଘଟଣା ରଫାଦଫା କରି ନାବାଳିକାକୁ ବିବାହ କରି ଦେବାକୁ ଚାପ ପକାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାଜନଗର ପୋଲିସ ନାବାଳିକା ଅପହରଣ ମାମଲାରେ କୌଣସି ପଦକ୍ଷେପ ନ ନେବା ଅଞ୍ଚଳବାସୀଙ୍କୁ ଆଚମ୍ବିତ କରିଛି।

## ଭାଇଙ୍କ ସ୍ତ୍ରୀଙ୍କୁ ଭୁଜାଲିରେ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

**ରାଜନଗର, ୧୭।୪ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅନ୍ତର୍ଗତ ନୂଆଖୁଣ୍ଟା ଗାଁର ଶ୍ରୀନିବାସ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆଖୁଣ୍ଟା ଗାଁର ଶ୍ରୀନିବାସ ଭାଇଙ୍କ ସ୍ତ୍ରୀଙ୍କୁ ୨୦୨୪ ଜୁନ୍ ୬ରେ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ତାଙ୍କ ନାମରେ ରାଜନଗର ଥାନାରେ ମାମଲା ଥିଲା। ବୁଧବାର ତାଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଲୁଣା ଘେରିବନ୍ଧ କାର୍ଯ୍ୟ ଦେଖିଲେ ମୁଖ୍ୟଯନ୍ତ୍ରୀ

**ରାଜନଗର, ୧୭।୪ (ଭାସ୍କର ରାଉତରାୟ)**

ରାଜନଗରର ସୁରକ୍ଷା କବଚ ରାଜନଗର–ଗୋପାଳପୁର ଲୁଣା ଘେରିବନ୍ଧ ଓ ବାରଗାଁ ତଟ ସୁରକ୍ଷା କାର୍ଯ୍ୟକୁ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ ଗୁରୁବାର ପରିଦର୍ଶନ କରିଛନ୍ତି। ଆଳି ତଟବନ୍ଧ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁ, ରାଜନଗର ତଟବନ୍ଧ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଭଞ୍ଜକିଶୋର ରାଉତ ଓ ରବୀନ୍ଦ୍ରନାଥ ସାମଲଙ୍କ ସହ ପ୍ରଥମେ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଜିଓଟ୍ୟୁବ ପ୍ରାଚୀରର ସ୍ଥିତି ପରଖି ଥିଲେ। ପରେ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁରେ ପହଞ୍ଚି ବ୍ରାହ୍ମଣୀ ନଦୀତଟ ସୁରକ୍ଷା ପାଇଁ ପଥର ପ୍ୟାକିଂ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟକୁ ବର୍ଷାଦିନ ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିଜୁବାବୁଙ୍କ ଶ୍ରାଦ୍ଧରେ ଏକାଠି ହେଲେ ବିଜେଡି ନେତା

**କେନ୍ଦ୍ରାପଡ଼ା, ୧୭।୪ (ଜଗନ୍ନାଥ ଧଳ)**

ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଗୁରୁବାର ଥିଲା। ଏହି ଦିବସ ପାଳନ ଅବସରରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ନେତାଙ୍କ ଭିଡ ଦେଖିବାକୁ ମିଳିଥିଲା। ଜିଲା ବିଜେଡି ସଭାପତି ଧୀରେନ ସାହୁଙ୍କ ନେତୃତ୍ୱରେ ନୂଆ ବସ୍‌ଷ୍ଟାଣ୍ଡ ନିକଟ ଗୋବରୀ ନଦୀରେ ସାମୂହିକ ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ସହରର ପୁରୁଣା ମେଡିକାଲ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ଜିଲା ସଭାପତି ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ଏଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ଯୁବ ସଭାପତି ରାଜେଶ ଦାସ, ଜିଲା ପରିଷଦ ସଭାପତି ଲିଳିତା ଦାସ, ମହିଳା ସଭାନେତ୍ରୀ ରୋସ୍‌ନା ସାହୁ, ସୁମିତ୍ରା ପାଢ଼ି, ହିରଣ୍ୟ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଉମେଶ ନାୟକ, ସେକ୍ ଚନ୍ଦନ, ରଶ୍ମିରଞ୍ଜନ ରାଉତ ପ୍ରମୁଖ ବିଜୁବାବୁଙ୍କ କେନ୍ଦ୍ରାପଡ଼ା ଜିଲା ପ୍ରତି ଅବଦାନ ଓ ରାଜ୍ୟ ପାଇଁ ତାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନଗର ସଭାପତି ଯଜାତି କେଶରୀ ମହାନ୍ତି ଏହି ସଭାରେ ଧନ୍ୟବାଦ ଦେଇଥିଲେ।


କେନ୍ଦ୍ରାପଡ଼ାରେ ବିଜୁବାବୁଙ୍କ ତିରୋଧାନ ଦିବସରେ ଉପସ୍ଥିତ ନେତାମାନେ।

# ଯୁବତୀଙ୍କୁ ଗର୍ଭବତୀ କରି ବିବାହକୁ ପ୍ରତ୍ୟାଖ୍ୟାନ : ଅଭିଯୁକ୍ତ ଗିରଫ

**କୁଜଙ୍ଗ, ୧୭।୪(ମନୋଜ ପ୍ରଧାନ)**

ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏହାପରେ ଯୁବତୀ ଜଣକ ଗର୍ଭବତୀ ହେବାରୁ ସମ୍ପୃକ୍ତ ଯୁବକ ବିବାହ ପ୍ରତ୍ୟାଖ୍ୟାନ କରି ହତ୍ୟା ଧମକ ଦେଇଥିଲେ। ଏହାପରେ ସମ୍ପୃକ୍ତା ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବୋରିଖି ଗ୍ରାମର ଗୌରବ ସେଠୀ। ଏହି ଥାନା ଅଞ୍ଚଳର ଜଣେ ଯୁବତୀ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ହେବାରୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଗୌରବ ସମ୍ପୃକ୍ତା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏନେଇ ଯୁବତୀ ଜଣକ ଗର୍ଭବତୀ ହେବା ପରେ ଗର୍ଭ ନଷ୍ଟ କଲେ ବିବାହ କରିବେ ବୋଲି ଗୌରବ କହିଥିଲେ। ଏଥିରେ ସମ୍ପୃକ୍ତା ଯୁବତୀ ରାଜି ନହେବାରୁ ଗତ ୧୧ ତାରିଖରେ ଗୌରବ ଯୁବତୀ ଘରେ ପହଞ୍ଚି ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ଗର୍ଭ ନଷ୍ଟ କରିବାକୁ ବାଧ କରିଥିଲେ। ଏପରିକି ଜୀବନରୁ ମାରି ଦେବାକୁ ଧମକ ଦେଇ ପାଟିତୁଣ୍ଡ କରିଥିଲେ। ପାଟିଶୁଣି ଗାଁ ଲୋକେ ଏକତ୍ରିତ ହୋଇ ଗୌରବଙ୍କୁ କାବୁକରିବା ପରେ ପୋଲିସ ପିସିଆର୍ ଭ୍ୟାନକୁ ଡାକିଥିଲେ। ପୋଲିସ ଆସିବାରୁ ଗୌରବ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଘରକୁ ଫେରିଥିଲେ। ମାତ୍ର ଫେରିବା ପରେ ପୁନର୍ବାର ବିବାହ କରିବାକୁ ମନା କରି ସମ୍ପୃକ୍ତା ଯୁବତୀଙ୍କୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ଏପ୍ରିଲ ୧୫ରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଏହାପରେ ପୋଲିସ ମାମଲା (ନଂ.୧୫୫/୨୫) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି।

# ମେଘା ପାନୀୟ ଜଳ ପ୍ରକଳ୍ପ ନିକଟରୁ ଚୋରି ଉଦ୍ୟମ ବିଫଳ, ୫ ଅଟକ

**ପାଟକୁରା ୧୭।୪(ରବୀନ୍ଦ୍ର ନାଥ ବାରିକ)**

କୁଦାନଗରୀ ଥାନା ଅଞ୍ଚଳରୁ ବୁଧବାର ବିଳମ୍ବିତ ରାତିରେ ତଳକୁସମା ପଞ୍ଚାୟତ ତେନ୍ତୋଳଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରୁ ଏକ ଗ୍ୟାଙ୍ଗ ପାଇପ ସହ ବିଭିନ୍ନ ସାମଗ୍ରୀ ଚୋରି କରୁଥିଲେ। ଗ୍ରାମବାସୀ ୫ ଜଣ ଦୁର୍ବୃତ୍ତଙ୍କୁ ଧରିବା ସହ ୩ଟି ଟ୍ରକ୍ ମଧ୍ୟ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏହି ଖବର ପାଇ ପ୍ରକଳ୍ପ କାମ କରୁଥିବା ସଂସ୍ଥାର ସହକାରୀ ଯନ୍ତ୍ରୀ ଦୀପକ କୁମାର ଜେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଆଇଆଇସି ସସ୍ମିତା ସାହୁ ନଂ.୧୧୬/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲୁ ରଖିଛନ୍ତି।

ଗରଦପୁର ବ୍ଲକବାସୀଙ୍କ ପାଇ ପାନୀୟ ଜଳ ଯୋଗାଇବା ମଧୁଶାସନ ପଞ୍ଚାୟତ ଚାଟରାଠାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଠିକାଦାର ସଂସ୍ଥା ଦୀର୍ଘ ୩ବର୍ଷ ହେବ କାର୍ଯ୍ୟ କରୁଛି। ତେବେ ପ୍ରତି ପଞ୍ଚାୟତରେ ପାଇପ ବିଛାଇବା ପାଇ ବିଭିନ୍ନ ପଞ୍ଚାୟତରେ ତାର ଷ୍ଟକ୍‌ୟାଡ କରିଥିବା ବେଳେ ସେହିପରି ତେନ୍ତୋଳଠାରେ ମଧ୍ୟ ବହୁ କୋଟି ଟଙ୍କାର ପାଇପ ସହ ବିଭିନ୍ନ ସାମଗ୍ରୀ ଗଚ୍ଛିତ କରାଯାଇ ବିଭିନ୍ନ ଗ୍ରାମକୁ ପଠାଯାଉଛି। ବିଳମ୍ବିତ ରାତିରେ ଏହି ଷ୍ଟକୟାଡ ନିକଟରେ ଉକ୍ତ ଦୁର୍ବୃତ୍ତମାନେ ପହଞ୍ଚି ଥିଲେ। ପ୍ରଥମେ ସିକ୍ୟୁରିଟି ଗାର୍ଡଙ୍କୁ ଡରାଇ ଧମକାଇ ଅକ୍ତିଆର କରିବା ସହ ଘଟଣାସ୍ଥଳରେ ମହଜୁତ ଥିବା ବଡ଼ ବଡ଼ ପାଇପଗୁଡ଼ିକୁ ଟ୍ରକରେ ବୋଝେଇ କରିଥିଲେ। ଲୁଟ ଚାଲିଥିବାବେଳେ ସିକ୍ୟୁରିଟି ଗାର୍ଡ ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଯାଇ ନିକଟସ୍ଥ ତେନ୍ତୋଳ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏକଜୁଟ ହୋଇ ଆସିବା ଦେଖି ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆଣିଥିବା ଏକ ସ୍କର୍ପିଓ ଓ କାରରେ ବସି ପଳାଇ ଯିବାରେ ସକ୍ଷମ ହୋଇଥିଲେ। ହେଲେ ଦୁର୍ବୃତ୍ତମାନେ ଆଣିଥିବା ୩ଟି ଟ୍ରକ ସହ ୫ଜଣଙ୍କୁ ଗ୍ରାମବାସୀ ଧରିବାରେ ସକ୍ଷମ ହୋଇଥିଲେ। ପରେ ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ୩ ଟ୍ରକ୍ ଓ କାବୁ ହୋଇଥିବା ୫ ଜଣଙ୍କୁ ଥାନାକୁ ଅଣି ଅଟକ ପଚରା ଉଚୁରା ଜାରି ରଖିଛି। ତେବେ ଏହି ଚୋରି ପଛରେ କାହର ହାତ ଅଛି ଓ କାହିଁକି ଏହି ଚୋରି ପୂର୍ବରୁ ବାରମ୍ବାର ବିଭିନ୍ନ ଷ୍ଟକୟାଡରୁ ଚୋରି ହେଉଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।



ଜବତ ହୋଇଥିବା ତିନିଗୋଟି ଟ୍ରକ୍।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

**ପାଟକୁରା, ୧୭।୪(ରବୀନ୍ଦ୍ର ନାଥ ବାରିକ)**

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ ଗୁରୁବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଗରଦପୁର ବ୍ଲକ ତଳକୁସୁମା ଗାଁର ମା' ଆମ୍ବିଳେଇ ଠାକୁରାଣୀଙ୍କ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, କ୍ଷିତିଶ ଚନ୍ଦ୍ର ଦାଶ ଓ ନବଘନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ପରେ ତଳକୁସୁମା ଦଳୀୟ କାର୍ଯ୍ୟାଳୟଠାରେ ଏକ ସ୍ମୃତି ଚାରଣ ସଭାର ହୋଇଥିଲା। ବିଧାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପ୍ରହ୍ଲାଦ ସାହୁ, ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ ପ୍ରମୁଖ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

**ମହାକାଳପଡ଼ା, (ପ୍ରତାପ ଚନ୍ଦ୍ର ସ୍ୱାଇଁ):** ମହାକାଳପଡ଼ା ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ବିଜୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ମଧ୍ୟରେ ସଞ୍ଜୟ ଲେଙ୍କା, ବିଜୟ କୁମାର ଜେନା, ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ନାରୀନେତ୍ରୀ ସୁରଭୀ ଜେନାଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ରାଜନଗର, (ଭାସ୍କର ରାଉତରାୟ):** ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ରାଜନଗର ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ, ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କୈଳାସ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ।

**ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ)** ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ସକାଳୁ ସ୍ଥାନୀୟ ବାଇପାସ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜୟ କେତନ ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଖଗେଶ୍ୱର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।


ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଅନ୍ୟମାନେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଦୀପଦାନ କରୁଛନ୍ତି।

# ପଦାରେ ପଡ଼ିଲା ଭାଜପା ଗୋଷ୍ଠୀକନ୍ଦଳ

**ବାଲିକୁଦା, ୧୭।୪ (ତାପସ ସ୍ୱାଇଁ)**

## ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ

ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀରେ ଭାଜପା ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ଦଳୀୟ କର୍ମୀ ପରସ୍ପରକୁ ଦୋଷାରୋପ କରୁଛନ୍ତି। ନିର୍ବାଚନ ସମୟରେ ଯେଉଁମାନେ ପରସ୍ପରକୁ ସହଯୋଗ କରୁଥିଲେ ଏବେ ପରସ୍ପରକୁ ବିରୋଧ କରୁଛନ୍ତି। ଏପରିକି ସମ୍ପୃକ୍ତ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରୁଛନ୍ତି। ଏଭଳି ଏକ ଅଭିଯୋଗ ୪ନଂ.ଜୋନ୍ ନହରଣା ମଣ୍ଡଳ ସଭାପତି ଓ ୨ନଂ ଜୋନ ବାଲିକୁଦାର ପୂର୍ବତନ ମଣ୍ଡଳ ସଭାପତିଙ୍କ ବିରୋଧରେ ଭାଜପା ଜଗତ୍‌ସିଂହପୁର ଜିଲା ସମ୍ପାଦକ ତଥା ପୂର୍ବତନ ବାଲିକୁଦା ବ୍ଲକ ନହରଣା ମଣ୍ଡଳ ସଭାପତି ଟୁକୁନା ରାଉତ କରିଛନ୍ତି।

ସେ ସାମାଜିକ ଗଣମାଧ୍ୟମ ଜରିଆରେ କରିଥିବା ଅଭିଯୋଗ ଅନୁଯାୟୀ, କଣିଆଠାରୁ ରମ୍ଭିଳା ପୂର୍ତ୍ତ ବିଭାଗ ରାସ୍ତାର ଜଏଗାଁ ଜୀବନଜ୍ୟୋତି ବିଦ୍ୟାଳୟ ନିକଟରେ ଦୁଇ ପାର୍ଶ୍ୱରେ ୨୦୦ ମିଟର ବ୍ୟାପୀ ସୁରକ୍ଷା କଂକ୍ରିଟ ବନ୍ଧ ନିର୍ମାଣ କରାଯାଇଛି। ଏହି କାମ ଅତ୍ୟନ୍ତ ନିମ୍ନମାନର ହୋଇଛି ବୋଲି ରାଉତ ଦର୍ଶାଇଛନ୍ତି। ୪ନଂ.ଜୋନ୍ ନହରଣା ମଣ୍ଡଳ ସଭାପତ ଏବଂ ୨ନଂ. ଜୋନ ବାଲିକୁଦାର ପୂର୍ବତନ ମଣ୍ଡଳ ସଭାପତିଙ୍କୁ ଭାଜପା ନେତା ସତ୍ୟ ସାରଥି ମହାନ୍ତି ଏହି କାମ ଦେଇଥିବାରୁ ଟୁକୁନା ପରୋକ୍ଷରେ ତାଙ୍କୁ ଟାର୍ଗେଟ କରିଛନ୍ତି। ଏସମ୍ପର୍କରେ ପୂର୍ତ୍ତ ବିଭଗ ଅଧିକାରୀଙ୍କୁ ଜଣାଇଲା ପରେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ନକଲ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଜିଲା ପ୍ରଶାସନକୁ ପଠାଇଛନ୍ତି। ଏ ସମ୍ପର୍କରେ ଟୁକୁନାଙ୍କୁ ପଚାରିବାରେ ସାମାଜିକ ଗଣମାଧ୍ୟମରେ ଏହି ପ୍ରସଙ୍ଗ ସେ ନିଜେ ପୋଷ୍ଟ କରିଛନ୍ତି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀରେ ସତ୍ୟସାରଥି ମହାନ୍ତି ଭାଜପାର ବିଧାୟକ ପ୍ରାର୍ଥୀ ଥିଲେ। ଭାଜପାରେ ସେ ସେତେବେଳେ ନବାଗତ ହୋଇଥିବାରୁ କେତେଜଣ କର୍ମୀ ବିରୋଧକରି ତାଙ୍କ ନିର୍ବଚନ ପ୍ରଚାରରେ ସାମିଲ ହେଲେ ନାହିଁ। ମାତ୍ର ସେତେବେଳର ଜିଲା ସମ୍ପାଦକ ଟୁକୁନା ଉକ୍ତ ନିର୍ବାଚନରେ ସତ୍ୟଙ୍କ ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ। ନିର୍ବାଚନରେ ଭାଜପା ସରକାର କରିଥିଲେ ମଧ୍ୟ ସତ୍ୟ ହାରିଯାଇଥିଲେ। ଅପରପକ୍ଷେ


Tukuna Rout
5d
ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ର ନହରଣା ମଣ୍ଡଳ (4ନଂମ୍ବର ଜୋନ୍) ମଣ୍ଡଳ ସଭାପତି ଏବଂ ଦୁଇ ନମ୍ବର ଜୋନ୍ ପୂର୍ବତନ ମଣ୍ଡଳ ସଭାପତି ଙ୍କ ଦ୍ୱାରା କଣିଆ ରମ୍ଭିଳା ପୂର୍ତ୍ତବିଭାଗ ରାସ୍ତା ର ଉଭୟ ପାର୍ଶ୍ୱରେ ଜିବନ ଜ୍ୟୋତି ସ୍କୁଲ ପାଖରେ ରାସ୍ତାର ଦୁଇ ପାଖରେ ନିର୍ମାଣ ହୋଇଥିବା ୨୦୦ମିଟର ବ୍ୟାପି ସୁରକ୍ଷା କଂକ୍ରିଟ ବନ୍ଧ ଅତ୍ୟନ୍ତ ନିମ୍ନ ମାନର ହୋଇଛି । ଏକଥା ଉପରିସ୍ଥ ପୂର୍ତ୍ତ ବିଭାଗ ଅଧିକାରୀ ମାନଙ୍କୁ ଜଣାଇଲା ପରେବି ସେମାନେ ଏହାର କୌଣସି ପଦକ୍ଷେପ ନେଉନାହାନ୍ତି।ଏହା ବାଲିକୁଦା ବ୍ଲକ ଅଞ୍ଚଳ ରେ ମୁଖ୍ୟ ଆଲୋଚନା ବିଷୟ ହୋଇଛି।
@highlight Mohan #CharanMajhiCMO
#OdishaPMOIndia #NarendraModi
#DharmendraPradhan
#JPNaddaBharatiya #JanataParty (BJP)
#KanakVardhanSingh
#DeoManmohanSamal
#PrabhatiParidaBJP
#OdishaBaijayantJay'
#PandaDrMukeshMahaling

ଟୁକୁନା ରାଉତ ସାମାଜିକ ଗଣମାଧ୍ୟମରେ କରିଥିବା ପୋଷ୍ଟ।

ରାଜ୍ୟରେ ଭାଜପା ସରକାର ଆସିଲା ପରେ ନିର୍ବାଚନ ମଣ୍ଡଳିର ବିଭିନ୍ନ ବିଭାଗୀୟ କାମ ପାଇଁ ନେତାଙ୍କା ଚିଠା ଅନୁଯାୟୀ ଦଳୀୟ କର୍ମୀମାନେ କାମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସତ୍ୟ ଉପରୋକ୍ତ ବ୍ୟକ୍ତିଙ୍କୁ କାମ ଦେଇଥିଲେ। ମାତ୍ର ଏହାକୁ ଟୁକୁନା ବିରୋଧ କରିଛନ୍ତି। କେବଳ ସେତିକି ନୁହେଁ ଏହି ବ୍ଲକରେ ନିଯୁକ୍ତ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ମଧ୍ୟ ଟୁକୁନା ବିରୋଧ କରିଛନ୍ତି। ସମ୍ପୃକ୍ତ ପ୍ରତିନିଧି ଲୋକସଭାନିର୍ବାଚନ ସମୟରେ ବିଜେଡିର କାଉଣ୍ଟିଂ ଏଜେଣ୍ଟ ହୋଇଥିଲେ ମଧ୍ୟ ତାଙ୍କୁ ଭାଜପା ଏମ୍‌ପିଙ୍କ ପ୍ରତିନିଧି କରାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭାଜପା ନେତା ସତ୍ୟସାରଥି ମହାନ୍ତି କହିଛନ୍ତି, ଭାଜପା ଏକ ବୃହତ୍ ଦଳ। ସେଥିରେ କେତେଜଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ରହିବ । ସେ କିନ୍ତୁ ଦଳର ନୀତି ନିୟମ ଅନୁସାରେ କାମ କରୁଛନ୍ତି। ଦଳର କେତେଜଣ କର୍ମୀ ଚାହୁଁ ଥିଲେ ସତ୍ୟ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବା ପାଇଁ । ମାତ୍ର ଏପରି ନ ହେବାରୁ ଏବେ ସେମାନେ ବିରୋଧ କରୁଛନ୍ତି। ନିର୍ବାଚନ ହାରିବା ପରଠାରୁ ସେ ସବୁବେଳେ ଲୋକଙ୍କ ସାଙ୍ଗରେ ରହିଛନ୍ତି। ଟୁକୁନା ଦଳର ୩୦ ବର୍ଷର କାର୍ଯ୍ୟକର୍ତ୍ତା ହୋଇଥିଲାବେଳେ ତାଙ୍କ ବଡ ଭାଇ ଭଳି। ମାତ୍ର ନିର୍ବାଚନ ପରଠାରୁ ସେ ଏଠାକୁ ଆସିନାହାନ୍ତି। ଜାଗାକୁ ନ ଆସି ନିମ୍ନମାନର କାମ ହୋଇଛି ବୋଲି କେମିତି ଜାଣିଲେ ବୋଲି ସତ୍ୟ ପାଲଟା ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପାଇଁ ସମସ୍ତଙ୍କ ଅଧିକାର ରହିଛି। କେତେଜଣ କାର୍ଯ୍ୟକର୍ତ୍ତା ଟୁକୁନାଙ୍କୁ ଉସକାଉଛନ୍ତି ବୋଲି ସତ୍ୟ ଆଶଙ୍କାବ୍ୟକ୍ତ କରିଛନ୍ତି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସତ୍ୟ କହିଛନ୍ତି, ଯେଉଁଦିନ ନିମ୍ନମାନର କାମ ହେଉଥିବା ଜାଣିଲେ, ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ କାମର ତଦାରଖ କରିବା ପାଇଁ କହିଥିଲେ। ସହିପରି ଏମ୍‌ପିଙ୍କ ପ୍ରତିନିଧି ନିଯୁକ୍ତି ସମ୍ପର୍କରେ ସତ୍ୟ କହିଛନ୍ତି, ଏହା ମୋର ନିଷ୍ପତ୍ତି ନୁହେଁ, ଦଳୀୟ କର୍ମକର୍ତ୍ତାଙ୍କ ଚୟନ ଅନୁସାରେ କରାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ପରେ ତଦନ୍ତ ତ୍ୱରାନ୍ୱିତ

**ନୟାଗଡ଼,୧୭।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଶରଧାପୁର ବେତେରୋସାହିର ଅସବର୍ଣ୍ଣ ଓ ଭାଡିକିଳା ସବର୍ଣ୍ଣଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନର ନାଁ ଧରୁନି। ବୁଧବାର ଅତିରିକ୍ତ ଏସ୍‌ପିଙ୍କୁ ଭେଟିବା ପରେ ସୁଫଳ ନ ମିଳିବାରୁ ଅସବର୍ଣ୍ଣମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଜିଲାପାଳ ଅତିରିକ୍ତ ଜିଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ କହିବା ପରେ ଓଡ଼ଗାଁ ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଶରଧାପୁର ବେତେରୋସାହିର ବିରଞ୍ଚି ନାୟକ ନାମକ ଜଣେ ଯୁବକ ପଣା ସଂକ୍ରାନ୍ତିରେ ଶରଧାପୁରଠାରେ ନିଆଁଗାଡ଼ ଦେଖୁଥିଲେ। ସବର୍ଣ୍ଣଙ୍କ ଭିତରେ ଅସବର୍ଣ୍ଣ ଯୁବକ ପଶି ନିଆଁଗାଡ଼ ଦେଖିବା ଜଣାପଡ଼ିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଠାକୁର ଅପବିତ୍ର ହୋଇଗଲେ ବୋଲି ପ୍ରଚାର ହେବା ପରେ ଗୋଳାପୋଳା ଓ ମାରପିଟ୍ ପରି ଘଟଣା ଘଟିଗଲା। ଏପରିକି ଅସବର୍ଣ୍ଣ ଯୁବକ ନିଆଁଗାଡ଼ରେ ପଡ଼ିଥିବା ପରେ ଆହତ ହୋଇଥିଲେ। ଅସବର୍ଣ୍ଣ ଯୁବକଙ୍କୁ ମାଡ଼ ଓ ଆହତ ପରେ ଭାଡିକିଳା ଗାଁର ସବର୍ଣ୍ଣ ଓ ବେତେରୋସାହିର ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ପରିସ୍ଥିତି ଉତ୍ତେଜନା ବଢ଼ିଥିଲା। ପରିସ୍ଥିତି ଏଭଳି ହୋଇଥିଲା ଭାଡିକିଳାର କିଛି ଲୋକ ଅସବର୍ଣ୍ଣଙ୍କ ପରିବାର ଘରେ ପଶି ଭଙ୍ଗାରୁଜା ମାରପିଟ୍ କରିଥିଲେ। ଘଟଣା ସମ୍ପର୍କରେ ଅସବର୍ଣ୍ଣମାନେ ଓଡ଼ଗାଁ ଥାନା ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ତେବେ ଅସବର୍ଣ୍ଣ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିଥିବା ଅଭିଯୋଗ ରହିଛି। ନ୍ୟାୟ ପାଇଁ ଶରଧାପୁର ବେତେରୋସାହିର ୩୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଓ ଛୋଟ ପିଲା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଅଭିଯୋଗ କରିବାକୁ ବୁଧବାର ଆସିଥିଲେ। ହେଲେ ବୁଧବାର କାର୍ଯ୍ୟାଳୟରେ ଜିଲାପାଳଙ୍କ ଅନୁପସ୍ଥିତି ପରେ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିବା ସହ ଅତିରିକ୍ତ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ଓଡ଼ଗାଁ ଥାନା ପକ୍ଷରୁ ସହଯୋଗ ମିଳି ନ ଥିଲା। ଏଣୁ ଅସବର୍ଣ୍ଣମାନେ ଗୁରୁବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ବେତେରୋସାହିର ପ୍ରଭିଶା ନାୟକ କହିଛନ୍ତି, ସବର୍ଣ୍ଣଙ୍କ ମାରପିଟ୍ ଓ ଆକ୍ରମଣ ଘଟଣାର ତଦନ୍ତ ହେଉ। ନ୍ୟାୟ ପାଇଁ ଆମେ ଦୁଇଦିନ ହେବ ନୟାଗଡ଼ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଛୁ। ବୁଧବାର ଅତିରିକ୍ତ ଏସ୍‌ପିଙ୍କ ଠାରୁ ପ୍ରତିଶ୍ରୁତି ମିଳିଥିଲେ ହେଁ ପ୍ରତାରଣା ପାଲଟି ଥିଲା। ଓଡଗାଁ ଥାନା ପୋଲିସ ଆମକୁ ସହଯୋଗ କି ତଦନ୍ତ କରି ନ ଥିଲା। ଆମେ ପୂର୍ବଭଳି ଘରୁ ବାହାରକୁ ବାହାରି ପାରୁ ନାହୁଁ। ଏଭଳିସ୍ଥଳେ ଗୁରୁବାର ଜିଲାପାଳ କାର୍ଯ୍ୟାଳୟରେ ଧାରଣା ଦେଲୁ। ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ଆମ ସହ କଥା ହୋଇଛନ୍ତି। ପରେ ଓଡ଼ଗାଁ ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି। ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ପଚାରିବାରେ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ତହସିଲଦାର ପବିତ୍ର ସେଠୀଙ୍କୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାକୁ ପଠାଇଥିଲି। ସେ ତଦନ୍ତ କରି ଫେରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ଅଛି। ଶାନ୍ତି କମିଟି ମାଧ୍ୟମରେ ସବର୍ଣ୍ଣ ଅସବର୍ଣ୍ଣ ବିବାଦର ଆପୋଷ ସମାଧାନ କରିବାକୁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣା ଦେଇଛନ୍ତି।

- ଶରଧାପୁର ସବର୍ଣ୍ଣ ଅସବର୍ଣ୍ଣ ବିବାଦ ପ୍ରସଙ୍ଗ
- ଓଡ଼ଗାଁ ଅତିରିକ୍ତ ତହସିଲଦାର କଲେ ତଦନ୍ତ

# ବାଳିକା ଉଚ୍ଚ ବିଦ୍ୟାଳୟରେ ମକ୍ ଡ୍ରିଲ


ଗ୍ୟାସ ସିଲିଣ୍ଡରରୁ ନିଆଁ ଲିଭାଇବା ଶିକ୍ଷା ଦିଆଯାଉଛି।

**ନୂଆଗାଁ, ୧୭।୪ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଗୁରୁବାର ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୪ରୁ ୨୦ ଏପ୍ରିଲ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହିକ୍ରମରେ ନୂଆଗାଁ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍କୁଲରେ ମକ୍ ଡ୍ରିଲ କରି କୌଣସି ଦୁର୍ଘଟଣାରେ ପ୍ରାଥମିକ ଭାବେ କିଭଳି ନିଜେ ସୁରକ୍ଷା ପାଇଁ ଚେଷ୍ଟା କରିବ ସେ ବାବଦରେ ଶିକ୍ଷା ଦିଆଯାଇଛି। ଗୁରବାର ନୂଆଗାଁ ଫାୟାର ଷ୍ଟେଶନ ଅଧିକାରୀ ଅପୂର୍ବ ରଞ୍ଜନ ସାହୁଙ୍କ ନେତୃତ୍ୱରେ ନୂଆଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମକ୍ ଡ୍ରିଲ କରି ଗ୍ୟାସରେ ରୋଷେଇ କରୁଥିବା ସମୟରେ ସିଲିଣ୍ଡରରେ ନିଆଁ ଲାଗିଲେ ତାକୁ କିଭଳି ନିୟନ୍ତ୍ରଣ କରିବ, ଦୁର୍ଘଟଣା ସମୟରେ ଜଣେ ଆହତ ବ୍ୟକ୍ତିକୁ କିଭଳି ଭାବେ ନେବ, କେଉଁଥିରେ ନିଆଁ ଲାଗିଲେ କାହା ସାହାଯ୍ୟରେ କିଭଳି ଲିଭାଇବାକୁ ହୁଏ ଏସବୁ ସଂକ୍ରାନ୍ତରେ ଛାତ୍ରୀମାନଙ୍କୁ ଡେମୋ ଦେଖାଇ ସମ୍ୟକ ଭାବେ ଶିକ୍ଷା ଦିଆଯାଇଥିଲା। ଏଥିରେ ନୂଆଗାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସାହୁ, ଲିଡିଙ୍ଗ୍ ଫାୟାର ଫାଇଟର ରତ୍ନାକର ଭୋଇ, ଫାୟାର ଫାଇଟର ବୈକୁଣ୍ଠନାଥ ବେହେରା, ଫାୟାର ହାବିଲଦାର ଆଭାସ ରଞ୍ଜନ ସାମଲ ଉପସ୍ଥିତ ରହି ମକ୍ ଡ୍ରିଲ ପରିଚାଳନା କରିଥିବାବେଳେ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଭଲ ପାଠପଢ଼ି ସ୍କୁଲ, ଗାଁ ଏବଂ ଦେଶର ଟେକ ରଖ

**ଦଶପଲ୍ଲା, ୧୭।୪ (ପ୍ରକାଶ କୁମାର ପାଣି)**

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପିଏମ୍‌ଶ୍ରୀ ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲର କ୍ରୀଡ଼ା ଏବଂ ବାର୍ଷିକ ଉତ୍ସବର ଉଦ୍‌ଯାପିତ ହୋଇଯାଇଛି। ୨ ଦିନଧରି ହାଇସ୍କୁଲ ପରିସରରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ାର ଉଦଯାପନୀରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଥିଲେ। ପିଲାମାନଙ୍କୁ ଭଲ ପାଠ ପଢ଼ି ନିଜ ସ୍କୁଲ, ଗାଁ ଏବଂ ଦେଶର ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ମୁଖ୍ୟବକ୍ତା ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ବିଦ୍ୟାଳୟ ପ୍ରତିଷ୍ଠା କମିଟି ସଭାପତି ଗୁଣ୍ଡିଚା ଲେଙ୍କା, ପ୍ରତିଷ୍ଠା କମିଟି ସମ୍ପାଦକ ଲଡୁ କିଶୋର ସାହୁ, ସ୍କୁଲ କମିଟି ସଭାପତି ସୁରେଶ ଚନ୍ଦ୍ର ବେହେରା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବ୍ରଜେନ୍ଦ୍ର ପ୍ରସାଦ ଧଳ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶିକ୍ଷକ ପ୍ରକାଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଅତିଥି ବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଜଳନ୍ଧର ବଧ ମଞ୍ଚସ୍ଥ ହୋଇଥିଲା।



ହାଇସ୍କୁଲ ପରିସରରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଜେଜେ ବାପାଙ୍କ ଶ୍ରାଦ୍ଧକୁ ଆସି ପ୍ରାଣ ହରାଇଲେ


ଯବାନ ମନୋରଞ୍ଜନ ପ୍ରଧାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ପାଇଁ ରଖାଯାଇଛି।


ମନୋରଞ୍ଜନଙ୍କ ଫାଇଲ ଫଟୋ।

**ନୟାଗଡ଼/ରଣପୁର,୧୭।୪ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

## ଯବାନଙ୍କ ଅକାଳ ବିୟୋଗ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ
- ପାଟପୁର ଗ୍ରାମରେ ଶୋକାକୁଳ ପରିବେଶ

ନୟାଗଡ଼ ଜିଲା ରଣପୁର ବ୍ଲକ ପାଟପୁର ଗାଁ ଯବାନ ମନୋରଞ୍ଜନ ପ୍ରଧାନ ଓରଫ ମଣ୍ଟୁ(୨୬)ଙ୍କ ଅକାଳ ବିୟୋଗରେ ସ୍ତବ୍ଧ ହୋଇଯାଇଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜେଜେ ବାପାଙ୍କ ଶ୍ରାଦ୍ଧକୁ ଯୋଗଦେବାକୁ ଆସି ଏଭଳି ଘଟିଛି। ମଣ୍ଟୁ ଛାତ୍ର ଜୀବନରୁ ଦେଶର ସେବା କରିବା ପାଇଁ ପଣ କରିଥିଲେ। ଦେଶ ମାତୃକାର ସେବା ପାଇଁ ଭାରତୀୟ ସେନାରେ ଯୋଗଦେଇ ପଞ୍ଜାବରେ କାର୍ଯ୍ୟରତ ଥିଲେ। ମଣ୍ଟୁ ଜଣେ ସରଳ ମିଷ୍ଟଭାଷୀ ଭାବେ ବେଶ ପରିଚିତ ଥିଲେ। ୨୫ ତାରିଖରେ ହେବାକୁ ଥିବା ଜେଜେ ବାପାଙ୍କ ଶ୍ରାଦ୍ଧ ପାଇଁ ୧୫ଦିନ ପାଇଁ ଗାଁକୁ ୧୪ ତାରିଖ ସୋମବାର ଛୁଟିରେ ଆସିଥିଲେ। ମଙ୍ଗଳବାର ଗ୍ରାମରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ସେଠାରେ ଅସୁସ୍ଥତା ଅନୁଭବ କରି ବେହୋସ ହୋଇ ଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକ ମଣ୍ଟୁଙ୍କୁ ଉଦ୍ଧାର କରି ପ୍ରଥମେ ସୁନାଖଳା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ବେସରକରୀ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିଲା। ହେଲେ ଡାକ୍ତର ମଙ୍ଗଳବାର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପାଟପୁର ଗାଁରେ ମୃତଦେହ ପହଞ୍ଚି ଥିଲା। ମଣ୍ଟୁଙ୍କ ଶେଷ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳରେ ବୁଧବାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଜଟଣୀ ବିଏସଏଫ ସେନା ବାହିନୀ କ୍ୟାମ୍ପ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷ କୃତ୍ୟ ବୁଧବାର ଗ୍ରାମ ଶ୍ମଶାନରେ ହୋଇଛି। ମଣ୍ଟୁଙ୍କ ଶେଷ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳରେ ଭିଡ଼ ଜମାଇଥିଲେ ଲୋକେ। ଗାଁ ମଣ୍ଟୁ ଭାଇ ଅମର ରହେ ନାରା ପ୍ରକମ୍ପିତ ହୋଇଥିଲା। ମଣ୍ଟୁ ବିଏସ୍‌ଏଫ୍ ଯବାନ ଭାବେ ଶ୍ରୀନଗର, ଜମ୍ମୁ କଶ୍ମୀର, ପଞ୍ଜାବ ଆଦି ସ୍ଥାନରେ କାର୍ଯ୍ୟ କରିଛନ୍ତି। ବାପା ବୈକୁଣ୍ଠ ଜଣେ କୃଷକ ହୋଇଥିଲାବେଳେ ତାଙ୍କର ୨ ପୁଅ ମଧ୍ୟରୁ ମଣ୍ଟୁ ସାନପୁଅ ଥିଲେ।

# ୭ ବର୍ଷ ପରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ଗଣିଆ,୧୭।୪ (ସନ୍ତୋଷ କୁମାର ପ୍ରଧାନ)**

## ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣା

ନୟାଗଡ ଜିଲା ଗଣିଆ ଥାନା ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ୨୮।୧୨।୧୮ରେ ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏହି ଘଟଣାରେ ସୂର୍ଯ୍ୟମଣି ସାହୁଙ୍କୁ ୧୦ ହଜାର ଟଙ୍କା ଜରିମାନା ସହିତ ଆଜୀବନ ସଶ୍ରମ କାରାଦଣ୍ଡରେ ନୟାଗଡ଼ କୋର୍ଟ ଦଣ୍ଡିତ କରିଛନ୍ତି।

ଗଣିଆ ଥାନା ଜଗନ୍ନାଥପ୍ରସାଦ ଗ୍ରାମର ସୂର୍ଯ୍ୟମଣି ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ଶୋଭାବଳୀଙ୍କୁ ଭଲ ପାଇ ବିବାହ କରିଥିଲେ। ଏହି ବିବାହରେ ପରିବାର ଲୋକଙ୍କ ସହମତି ନ ଥିବାରୁ ଗ୍ରାମରେ ଏକ ଭଡା ଘରେ ଉଭୟ ରହି ଆସୁଥିଲେ। ଉଭୟଙ୍କ ୨ଟି ଛୋଟ ଛୋଟ ପୁଅ ଥିଲେ। ତେବେ କିଛିମାସ କାମଧନ୍ଦା ବାହାନାରେ ସୂର୍ଯ୍ୟମଣି ଘରକୁ ଆସୁ ନ ଥିଲେ। ଏଥିସହ ସ୍ତ୍ରୀ ଓ ପିଲାମାନେ କିପରି ଚଳୁଛନ୍ତି ସେ ନେଇ କୌଣସି କଥା ବୁଝୁ ନ ଥିଲା। ହଠାତ କିଛିଦିନ ପରେ ସୂର୍ଯ୍ୟମଣି ଘରକୁ ଆସିଥିଲେ। ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଚଳଣୀକୁ ନେଇ କଳହ ସୃଷ୍ଟି ହୋଇଥିଲା। ଏ ନେଇ ସୂର୍ଯ୍ୟମଣି ଉତକ୍ଷିପ୍ତ ହୋଇ ସ୍ତ୍ରୀ ଶୋଭାବଳୀକୁ ଏକ ଟାଙ୍ଗିଆରେ ଆକ୍ରମଣ କରିବାକୁ ଗୋଡାଇଥିଲେ। ଶୋଭାବଳୀ ଜୀବନ ବିକଳରେ ଘରୁ ଅଗଣାକୁ ଦୌଡି ପଳାଇଯିବା ସମୟରେ ମୁଣ୍ଡର ପଛପାଖକୁ ସୂର୍ଯ୍ୟମଣି ଟାଙ୍ଗିଆରେ ଚୋଟ ପରେ ଚୋଟ ପକାଇ ଚାଲିଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ଶୋଭାବଳୀଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ପରେ ସୂର୍ଯ୍ୟମଣି ଫେରାର ହୋଇଯାଇଥିଲେ। ଗଣିଆ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଥିଲା। ଏ ନେଇ ପୋଲିସ ନଂ. ୭୩/୧୮ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପାଇଁ ରକ୍ତ ନମୁନା, ଟାଙ୍ଗିଆ ଆଦି ସାମଗ୍ରୀକୁ ପରୀକ୍ଷା ନିରୀକ୍ଷା ପାଇଁ ସଂଗ୍ରହ କରିଥିଲା। ଉକ୍ତ ମାମଲାର ଦୀର୍ଘ ୭ବର୍ଷ ହେଲା କୋର୍ଟରେ ବିଚାରାଧୀନ ଥିଲା। ଏଥିରେ ତଦନ୍ତକାରୀ ଅଧିକାରୀ ଭାବେ ବର୍ତ୍ତମାନର ଆଦର୍ଶ ଥାନା ଭରତପୁର, ଭୁବନେଶ୍ୱରର ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ମିଳିଥିବାରୁ ମୃତା ଶୋଭାବଳୀଙ୍କ ପରିବାରଙ୍କୁ ଏକ ପ୍ରକାର ନ୍ୟାୟ ମିଳିଥିବା ଶୁଣିବାକୁ ମିଳୁଛି।

# ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଥିଲେ ବିଜୁବାବୁ

**ନୟାଗଡ଼,୧୭।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଗୁରୁବାର ପାଳିତ ହୋଇଯାଇଛି। ନୟାଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ପୌର ପରିଷଦ ବିଜେଡି ସଭାପତି ଅମୂଲ୍ୟ ମହାନ୍ତି ବିଜୁବାବୁଙ୍କ ଦ୍ୱାରା ନୟାଗଡ଼ ଜିଲା ପ୍ରତିଷ୍ଠା କରିବା ଅନୁଭୂତିକୁ ବକ୍ତବ୍ୟରେ ଦର୍ଶାଇଥିଲେ। ମହିଳା ସଶକ୍ତି କରଣ କରିବାରେ ବିଜୁବାବୁଙ୍କ ଅବଦାନ ସ୍ମରଣୀୟ ବୋଲି ପୌର ପରିଷଦ ଅଧ୍ୟକ୍ଷା କହିଥିଲେ। ବିଜୁବାବୁ ଅସୀମ ସାହାସର ପ୍ରତୀକ ବୋଲି ବରିଷ୍ଠ ନାଗରିକ ପ୍ରତାପ ନନ୍ଦ କହିଥିଲେ। ଓଡ଼ିଆ ଅସ୍ମିତାକୁ ଅଗ୍ରାଧିକାର ବିଜୁବାବୁ ଦେଇଥିଲେ ବୋଲି ଜିଲା ପରିଷଦ ଅଧ୍ୟକ୍ଷ କହିଥିଲେ। ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରି ଝଡ଼ର ଈଗଲ ବିଜୁବାବୁ ମହିଳା ସଶକ୍ତି କରଣକୁ ଗୁରୁତ୍ୱ ଦେଇଥିଲେ। ଭାଜପା ସରକାର ସ୍ୱାଧୀନତା ଆଣିଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କରୁଛି ବୋଲି ବିଧାୟକ ସାହୁ କହିଥିଲେ। ଗାନ୍ଧୀଙ୍କ ଅବଦାନକୁ ମୂଳ ଉତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଅର୍ଥ ବ୍ୟୟ ବରାଦ କରିବା ବନ୍ଦ କରି ଉକ୍ତ ଯୋଜନାକୁ ଭାଜପା ସରକାର ବନ୍ଦ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଛି। କେବଳ ଗାନ୍ଧୀଙ୍କ ନାଁ ଲୁଚାଇବା ପାଇଁ ଏଭଳି କରାଯାଉଥିବା ବିଧାୟକ ସାହୁ କହିଥିଲେ। ସେହିଭଳି ଭାବେ ଓଡ଼ିଶାରେ ବିଜୁବାବୁଙ୍କ କୃତିକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି। ବିଜୁବାବୁ ଓଡ଼ିଶାବାସୀଙ୍କ ପାଇଁ ଅବିସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାସ କହଁର, ସରୋଜ ରଣସିଂ, ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲି ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ସଂଖ୍ୟାଲଘୁ ନେତା ଏସ. କେ. ନଇମ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।


ବିଜୁବାବୁଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଉଛି।

# କୃଷ୍ଣେଶ୍ୱରପାଟଣା, ବାଉରୀସୁବୁଦ୍ଧିପାଟଣା ଗ୍ରାମ କମିଟି ଗଠନ

**ଖଣ୍ଡପଡ଼ା,୧୭।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ କୃଷ୍ଣେଶ୍ୱରପାଟଣା ଓ ବାଉରୀସୁବୁଦ୍ଧିପାଟଣା ଗ୍ରାମରେ ଏକ ଗ୍ରାମ କମିଟିର କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିରଞ୍ଚି ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ନିର୍ବାଚନ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବରିଷ୍ଠ ଓ କନିଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ତେବେ ଗ୍ରାମରେ ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବା ଲକ୍ଷ୍ୟରେ କର୍ମକର୍ତ୍ତା ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆସନ୍ତା ୩ବର୍ଷ ପାଇଁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ସଭାପତି ଭାବେ ଦିଲୀପ କୁମାର ସାହୁ, ଉପସଭାପତି ବିଚିତ୍ରା ନନ୍ଦ ଦାଶ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ସହ ସମ୍ପାଦକ ଟିକିନା ବାରିକ, କୋଷାଧ୍ୟକ୍ଷ ଭାବେ ପର୍ଶ୍ୱଙ୍ଗ ନାରାୟଣ କାଣ୍ଟି ପ୍ରମୁଖଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇଥିବାବେଳେ ଉପଦେଷ୍ଟା ଭାବେ ଅର୍ଜୁନ ସାହୁଙ୍କୁ ଚୟନ କରାଯାଇଥିବା ଜଣାଯାଇଛି।

# ଶିଖରପୁରରେ ବିଜୁବାବୁଙ୍କ ତିରୋଧାନ ଦିବସ

**ଶରଣକୁଳ, ୧୭।୪ (ଦୀପକ କର)**

ଶରଣକୁଳ ନିକଟ ଶିଖରପୁରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଜୁବାବୁ ଜଣେ ଦୁଃସାହାସି ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନର ତାଙ୍କର ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ବିଜୁବାବୁ ଜଣେ ଦେଶ ପ୍ରେମୀ, ସେ କେବଳ ଓଡ଼ିଶା ମାଟି ପାଇଁ ନୁହେଁ ରାଷ୍ଟ୍ର ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କର ସାହସିକତା ପାଇଁ ସାରା ଦେଶ ଆଜି ତାଙ୍କ ତିରୋଧାନ ଦିବସକୁ ପାଳନ କରୁଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବ୍ଲକ ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ବରିଷ୍ଠ ବିଜେଡି ନେତା ସନ୍ନ୍ୟାସୀ ପ୍ରଧାନ, ଜିଲାପରିଷଦ ସଭ୍ୟା ଚିନ୍ମୟୀ ଦାସ, ଏବଂ ସଂଯୁକ୍ତା ପଢ଼ିଆରୀ ଓ ବିଜେଡି କର୍ମୀ ଯୋଗଦେଇଥିଲେ।

# ମଙ୍ଗଳାଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ଖଣ୍ଡପଡ଼ା,୧୭।୪(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ହରିସୁବୁଦ୍ଧିପାଟଣାସ୍ଥିତ ମା’ ମଙ୍ଗଳାଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧିବାସ କର୍ମ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କେଶବେରେଣା, ପଦ୍ମନାଭପୁର, କେନ୍ଦୁପଲ୍ଲୀ, କୁମ୍ଭାରପଡା, ହରିଚନ୍ଦନପୁର, ବୋଦସା ଓ ହରିସୁବୁଦ୍ଧିପାଟଣା ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ପର୍ଯ୍ୟାୟକ୍ରମେ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ। ରାଜ କିଶୋର ନାଏକ, ରମେଶ କୁମାର ନାଏକଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ନାହିଁ ନାହିଁରେ ଚାଲିଛି ଗୋଛା ପ୍ରାଥମିକ ବିଦ୍ୟାଳୟ

**ଶରଣକୁଳ, ୧୭।୪ (ଦୀପକ କର)**




## ୫୩ ବର୍ଷର ବିଦ୍ୟାଳୟକୁ ଅଣଦେଖା

ବର୍ତ୍ତମାନ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଅର୍ଥ ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ଶରଣକୁଳ ଥାନା କଜଳାଇପଲ୍ଲୀ ପଞ୍ଚାୟତ ଗୋଛାରେ ୧୯୭୨ ମସିହାରେ ସ୍ଥାପିତ ସରକାରୀ ପ୍ରାଥମିକ ବିଦ୍ୟାଳୟଟି ସେବେଠାରୁ ବିଭିନ୍ନ ଝଡ଼ଝଞ୍ଜା ଦେଇ ଗତି କରୁଛି। ଏଠି ଶ୍ରେଣୀ ଗୃହ ନ ଥିବାବେଳେ ରୋଷେଇ ଘର ନାହିଁ। ଗୋଟିଏ ଶ୍ରେଣୀ ଗୃହରେ କାର୍ଯ୍ୟାଳୟ କାମ ଚାଲିଥିବା ବେଳେ ଛାତ୍ରୀଛାତ୍ର ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ୫୩ବର୍ଷ ଧରି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ କେବେ ଏଥିପ୍ରତି ଦୃଷ୍ଟି ଦିଆଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଛା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୧୭ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨ଜଣ ଶିକ୍ଷକ ଥିବା ଜଣାପଡିଛି। ସ୍କୁଲରେ ବର୍ଷବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମି ଯାଉଥିବା ଗୋଛା ଗ୍ରାମବାସୀ କହିଛନ୍ତ। ଆଶ୍ଚର୍ଯ୍ୟର କଥା ହେଉଛି ବିଦ୍ୟାଳୟରେ ପାଣି ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ନଳକୂପ ଥିଲେ ମଧ୍ୟ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଫଳରେ ଛାତ୍ରୀଛାତ୍ର ଘରୁ ପାଣି ନେଇ ବିଦ୍ୟାଳୟକୁ ଯାଉଛନ୍ତି। ଗୋଟିଏ ବିଦ୍ୟାଳୟରେ ଶ୍ରେଣୀ ଗୃହ ନ ଥିବା ବେଳେ ସେଠାରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ସେହିଭଳି ଗୋଟିଏ ଜାଗାରେ ରୋଷେଇ ହେଉଥିବା ମଧ୍ୟ ପ୍ରଧାନ ଶିକ୍ଷକ ନବ କିଶୋର ବେହେରା କହିଛନ୍ତି। ଏହି ବିଦ୍ୟାଳୟଟି ଦୁର୍ଗମ ଅଞ୍ଚଳ ମଧ୍ୟରେ ଥିବାରୁ ଶିକ୍ଷା ବିଭାଗ କେବେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳିନୀ ବେହେରାଙ୍କୁ ପଚାରିବାରେ ଏ ବିଷୟରେ ଅବଗତ ଅଛୁ। ଲେଖିକି ଦେଇଛୁ, ଅନୁଦାନ ଆସିଲେ ଖୁବ୍‌ଶୀଘ୍ର କାମ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାଣିକୋଇଲି,୧୭।୪(ବିକାଶ ମଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଖସାଗଡିଆ ଗ୍ରାମର ଦାମ ମୁଣ୍ଡା (୭୫) ଆତ୍ମହତ୍ୟା କରିଛନ୍ତି । ପାରିବାରିକ କଳହ ପାଇଁ ସେ ବୁଧବାର ରାତିରେ ବିଷ ପିଇ ଦେଇଥିଲେ । ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ବୁଲେଟ୍ ଧକ୍କାରେ ବୃଦ୍ଧ ମୃତ

ପାଣିକୋଇଲି,୧୭।୪(ବିକାଶ ମଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ପୁରୁଣା ଥାନା ନିକଟରେ ବୁଧବାର ରାତିରେ ଏକ ବୁଲେଟ ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତ ମଲପଡ଼ା ଗ୍ରାମର ପୀତବାସ ସାହୁ (୭୫)। ସେ ପାଣିକୋଇଲି ଅଳତିରିରେ ରହି ବ୍ୟବସାୟ କରିନ୍ତି । ବୁଧବାର ରାତିରେ ସେ ରାଜପଥ ପାର ହୋଇ ଆସୁଥିବା ବେଳେ ଭଦ୍ରକ ପଟୁ ଆସୁଥିବା ଏକ ବୁଲେଟ୍ (ନଂ.ଓଡି୦୫ବିଏକ୍ସ ୬୭୩୫) ସହ ତାଙ୍କର ଧକ୍କା ହୋଇଥିଲା । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ପୁଅ କାର୍ତ୍ତିକ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା(ନଂ.୯୦/୨୫) ରୁଜୁ କରି ତଦନ୍ତ ଚଳାଇଛି ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ



କଳିଙ୍ଗନଗର,୧୭।୪(ଶୁଭାଶିଷ ରାଉତ): ଗୁରୁବାର ଯାଜପୁର ଜିଲାରେ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା-ବାରାଣସୀ ଆଧ୍ୟାତ୍ମିକ ଯାତ୍ରାକୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଅଧିକାରୀ ହିମାଳୟା ତ୍ରିପାଠୀ ଉପସ୍ଥିତଥିଲେ। ଯାଜପୁର ଜିଲାରୁ ସମୁଦାୟ ୧୪୨ଜଣ ବରିଷ୍ଠ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରିଛନ୍ତି । ତୀର୍ଥଯାତ୍ରୀମାନେ ଶୁକ୍ରବାର ବାଲେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିବେ। ସେମାନେ ଗୁରୁବାର ରାତିରେ ବାଲେଶ୍ୱରର ପଦ୍ମାବତୀ ରିସର୍ଟରେ ରହିବେ। ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ ଶୁକ୍ରବାର ପୂର୍ବାହ୍ନ ୧୧.୪୫ ମିନିଟରେ ବାଲେଶ୍ୱର ରେଳ ଷ୍ଟେଶନରୁ ଛାଡିବ। ଏହି ଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ତୀର୍ଥଯାତ୍ରୀମାନେ ଆସନ୍ତା ୨୩ ତାରିଖରେ ବାଲେଶ୍ୱର ଫେରିବେ। ସେମାନେ ବାଲେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ଯାଜପୁର ଅଣାଯିବାର ବ୍ୟବସ୍ଥା କରାଯାଇଛି ।

# ଶିଶୁଙ୍କ ପାଇଁ ସହାୟକ ହେଉଛି ଆମ କଳିକା କେନ୍ଦ୍ର

ରସୁଲପୁର,୧୭।୪(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ୫୩ ଆମ କଳିକା କେନ୍ଦ୍ର ଚାଲିଛି । ୬ ମାସରୁ ୩ବର୍ଷର ଶିଶୁମାନଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ସହାୟକ ହେଉଛି । ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖା ପୂର୍ବର ଶିଶୁମାନଙ୍କୁ ଏହି କେନ୍ଦ୍ରରେ ନାମ ଲେଖାଯାଉଛି । ଉକ୍ତ କେନ୍ଦ୍ର ଶିଶୁମାନଙ୍କ ଖେଳସ୍କୁଲ ଭାବେ କାମ କରୁଛି । ଏହି କେନ୍ଦ୍ର ଜରିଆରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ, ସୁସ୍ଥ ଶରୀର ଗଠନ କରିବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନେ ପିଲାମାନଙ୍କୁ ଖେଳକୁଦ ଜରିଆରେ ସାମଗ୍ରିକ ବିକାଶ ହେବା ଦିଗଗୁଡିକ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାଛଡା ଗ୍ରାମର ୨ଜଣ ଲେଖାଏଁ ଆର୍ଥିକ ଅନଗ୍ରସର ମହିଳାଙ୍କୁ ଏହି କେନ୍ଦ୍ର ଜରିଆରେ ନିଯୁକ୍ତି ଦିଆଯାଇଛି ବୋଲି କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଇଣ୍ଡିଆନ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ସୋସାଇଟି (ଆଇଏମଟିଏସ୍)ର ସୁପରଭାଇଜର ପ୍ରଫୁଲ୍ଲ କୁମାର ମହାନ୍ତି ସୂଚନା ଦେଇଛନ୍ତି । କେନ୍ଦ୍ର ଜରିଆରେ



ଅତଲପୁର ଆମ କଳିକା କେନ୍ଦ୍ରରେ ଶିଶୁମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଉଛି ।

ସବୁ ବର୍ଗର ଶିଶୁମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ବିଶେଷକରି କର୍ମଜୀବୀ ମହିଳାମାନଙ୍କ ଶିଶୁମାନେ ଅଧିକ ଉପକୃତ ହେଉଛନ୍ତି । ଯେଉଁ ମହିଳାମାନେ ନିଜର କାର୍ଯ୍ୟ ବ୍ୟସ୍ତତା ଯୋଗୁ ପିଲାମାନଙ୍କ ଯତ୍ନ ନେଇ ପାରୁନାହାଁନ୍ତି, ସେମାନେ ଏହି କେନ୍ଦ୍ରର ସହାୟତା ନେଉଥିବା ଲକ୍ଷ୍ୟ କରାଯାଉଛି । କେନ୍ଦ୍ରରେ ନିରାପଦ ଭାବେ ଶିଶୁମାନଙ୍କୁ ଛାଡି ଦେଇ ମା'ମାନେ ସେମାନଙ୍କ କାର୍ଯ୍ୟ ସୁରୁଖୁରରେ ସମ୍ପାଦନ କରିପାରୁଛନ୍ତି । କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳାମାନେ ସେମାନଙ୍କ ପିଲାମାନଙ୍କୁ ଘର ପାଖରୁ କେନ୍ଦ୍ରକୁ ଆଣୁଛନ୍ତି ଓ କେନ୍ଦ୍ର ଅବଧି ଶେଷ ହେବା ପରେ ସେମାନଙ୍କୁ ଘରେ ଛାଡୁଛନ୍ତି । କେତେକ କ୍ଷେତ୍ରରେ ଶିଶୁମାନଙ୍କ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ନେବାଆଣିବା କରୁଛନ୍ତି । କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିବା ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । ପିଲମାନଙ୍କୁ ନାନା ପ୍ରକାରର ଶିକ୍ଷଣୀୟ ଉପକରଣ ସହାୟତାରେ ଶିକ୍ଷା ପ୍ରଦାନ କରାଯିବା ସହ ପିଲାମାନଙ୍କ ମଧ୍ୟରେ ଅବହେଳିତ ହେବାର ଭାବନାକୁ ଦୂର କରାଯାଇ ପାରୁଛି ।

ଏହି ଜରିଆରେ ବ୍ଲକର ପ୍ରାୟତଃ ୫୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଆମ କଳିକା କେନ୍ଦ୍ର ଜରିଆରେ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ପରିଚାଳନାକୁ ନେଇ ଅଭିଭାବକମାନେ ସନ୍ତୋଷ ବ୍ୟକ୍ତ କରିବା ସହ କେନ୍ଦ୍ରଗୁଡିକୁ ଅଧିକ କ୍ରିୟାଶୀଳ କରିବା ଉପରେ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ଗୁରୁତ୍ୱ ଦେଉଛନ୍ତି । ୨୦୨୩ରୁ ଆମ କଳିକାକେନ୍ଦ୍ରଗୁଡିକ ବ୍ଲକ ଅଞ୍ଚଳରେ କାମ ଆରମ୍ଭ କରିଛି । ଜିଲା ଶିଶୁ ଓ ମହିଳା ସଶକ୍ତିକରଣ ବିଭାଗର ପ୍ରସ୍ତାବ ଅନୁଯାୟୀ ସରକାରଙ୍କ ଅନୁମୋଦନ କ୍ରମେ କେନ୍ଦ୍ରଗୁଡିକ ଖୋଲାଯାଉଛି । କେନ୍ଦ୍ରଗୁଡିକ ଭଡ଼ା ଘରେ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇ ପରିଚାଳନା କରାଯାଉଛି । ଉପରୋକ୍ତ କେନ୍ଦ୍ରଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ସହ ଶିଶୁମାନଙ୍କୁ ବିଭିନ୍ନ ଦିଗରେ ବିକଶିତ କରିବା ପାଇଁ ପ୍ରୟାସ ଜାରି ରହିଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ ଯୋଗୁ କେନ୍ଦ୍ରଗୁଡିକ ଅଧିକ କ୍ରିୟାଶୀଳ ହୋଇପାରୁଛି ବୋଲି ସୁପରଭାଇଜର ମହାନ୍ତି ସୂଚନା ଦେଇଛନ୍ତି।

# କିଷାନ ଟ୍ରଫି ଉଦ୍‌ଯାପିତ : କୁସୁନପୁର ଟିମ୍ ଚାମ୍ପିୟନ

ରସୁଲପୁର,୧୭।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଫୁଲାଡି ଗ୍ରାମ ଖେଳ ପଡିଆରେ ଯୁବ ଭାରତ କୃଷକ ସଂଘ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ କିଶାନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି।

ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗନେଇଥିଲେ। ବୁଧବାର ଫାଇନାଲ ମ୍ୟାଚରେ ବାରବାଟୀ ସହିତ କୁସୁନପୁର ଟିମର ମୁକାବିଲା ହୋଇଥିଲା। ବାରବାଟୀ ଦଳ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଥିଲେ । ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୮୪ ରନ କରିବାକୁ ସକ୍ଷମ ହୋଇଥିଲା । ଜବାବ୍‌ରେ କୁସୁନପୁର ଦଳ ୨ ଉଇକେଟ ହରାଇ ୮୫ ରନ କରି ବିଜୟ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିମାନେ ।

ଲାଭ କରି କିଷାନ ଟ୍ରଫି -୨୦୨୫ ହାସଲ କରିଥିଲା । ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଯୁବ ଭାରତ କୃଷକ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ଯୋଗଦେଇ ଉଭୟ ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୃଷକ ସଂଘର ବ୍ଲକ ସଭାପତି ବଟକୃଷ୍ଣ ସାହୁ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଗ୍ରାମର ୨୦ ଜଣ ଶ୍ରେଷ୍ଠ ଚାଷୀଙ୍କୁ ମୁଖ୍ୟ ଅତିଥି ନାୟକ ସମ୍ମାନିତ କରିଥିଲେ । ଅନିରୁଦ୍ଧ ମଲିକ, ଅଧିର ମଲିକ, ବାବୁନା ମଲିକ, ଚନ୍ଦ୍ରକାନ୍ତ ମଲିକ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ ।

### ମା'ଗୋପାଳଶୁଣୀଙ୍କ ବାର୍ଷିକ ଉତ୍ସବ

କାଏମା,୧୭।୪(ଶିବ ପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଗ୍ରାମଦେବତୀ ମା'ଗୋପାଳଶୁଣୀଙ୍କ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଦିବସ ବ୍ୟାପୀ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଅଭୟ କୁମାର ମହାନ୍ତି ଓ ସୀମାରାଣୀ ମହାନ୍ତି କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସାମାଜିକ କର୍ମୀ ମିନତୀ ସାହୁ, କଂଗ୍ରେସ ନେତା କିଶାନ ପଣ୍ଡା, ଚହଟା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁମିତ୍ରା ସ୍ୱାଇଁ, ଓ ଆଲୋକ ଜେନାସାମନ୍ତ ପ୍ରମୁଖ ଯୋଗଦେଇ ମାଆଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସମେତ ପଡୋଶୀ ଗ୍ରାମର ଭକ୍ତମାନେ ସାମିଲ ହୋଇଥିଲେ । ଅୟୋଜିତ କାର୍ଯ୍ୟକ୍ରମକୁ ଚୋରମୁହାଁ ଗ୍ରାମର ସଭାପତିଈଶ୍ୱର କୁମାର ବେହେରା ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

# ବୈତରଣୀ ନଦୀବନ୍ଧରେ ଗାଡ଼ି ଚଳାଚଳକୁ ମହିଳାଙ୍କ ବିରୋଧ

ପାଣିକୋଇଲି,୧୭।୪(ବିକାଶ ମଲିକ):

କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ବୈତରଣୀ ନଦୀବନ୍ଧରେ ବାଲିଗାଡ଼ି ଚଳାଚଳକୁ ବିରୋଧ କରିଛନ୍ତି ବହୁ ମହିଳା । ବାଲି ଗାଡ଼ି ଯାତାୟତ ଯୋଗୁ ରାସ୍ତା ଘାଟ ନଷ୍ଟ ହେବା ସହ ଯାତାୟତରେ ବାଧା ଉପୁଜିବା ଯୋଗୁ ମହିଳାମାନେ ଗାଡ଼ି ବନ୍ଦ କରିଥିଲେ । ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ପାଣିକୋଇଲି ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ଗାଡିଗୁଡିକୁ ଅନ୍ୟବାଟରେ ଫେରାଇ ଦେଇଥିଲେ । ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଅପରପକ୍ଷେ ଗୁରୁବାର ଅପରାହ୍ନରେ କ୍ଷବରୋ ଗ୍ରାମର ମହିଳାମାନେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିବା ବେଳେ ଏକ ଦୁର୍ଘଟଣା କରିଥିଲା । ପରେ କେତେଜଣ ମହିଳା ଉକ୍ତ ନମ୍ବର ବିହୀନ ଟ୍ରାକ୍ଟରକୁ ଅଟକାଇବାରୁ ଚାଳକ ସରସଦା ଗ୍ରାମର ରବି ଦଳେଇ, ମାଲିକ ବାବୁଲା ଦଳେଇ ପ୍ରମୁଖ ଅଶ୍ଲୀଳ ଗାଳି ଗୁଲଜ କରିଥିଲେ । ଜଣେ ମହିଳାଙ୍କୁ ଟଣା ଘୋଷରା କରିବା ସହ ଟ୍ରାକ୍ଟର ଅଟକାଇଲେ ଗାଡ଼ି ଚଢାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ଏକ ବାଲିଗାଡ଼ିକୁ କେତେଜଣ ଲୋକ ଅଟକାଇବାରୁ ଏକ ବାଲି ବୋଝେଇ ଡମ୍ଫର (ନଂ.ଓଆର ୦୯ ଏଲ ୦୪୯୬) ବନ୍ଧ ଉପରେ ଓଲଟିପଡିଥିଲା । ଏହାକୁ ନେଇ ପୁଣିଥରେ ଉତ୍ତେଜନା ପ୍ରକାଶ ପାଇଥିଲା ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ବିନାୟକ



@ ଦିଲୀପ



@ ଲିପୁନ



@ ରାଜେଶ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/02, ତା.15.04.2025ରିଖ

01. ଟେଣ୍ଡର ନଂ. 04252409 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 25 KW, 110/130V DC ବ୍ରଶଲେସ ଅଲ୍ଟରନେଟର, ପରିମାଣ : 54 ଗୋଟି

02. ଟେଣ୍ଡର ନଂ. 03251794 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଂ ହାଇଡ୍ରୋଲିକ୍ ସକ୍ ଅବ୍‌ଜର୍ବର, ପରିମାଣ : 1365 ଗୋଟି

03. ଟେଣ୍ଡର ନଂ. 03253928 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ ପ୍ୟାଡ୍ ସେଟ୍, ପରିମାଣ : 20725 ସେଟ୍

04. ଟେଣ୍ଡର ନଂ. 03253794 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଟିଙ୍ଗ୍ ଆକ୍ସେଲ ବକ୍ସ ପାଇଭଟ ବୁଶ, ପରିମାଣ : 5515 ଗୋଟି

05. ଟେଣ୍ଡର ନଂ. 04245133 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟ ଲେସ୍ ଗ୍ରୁଭଡ୍ କପର କଣ୍ଟାକ୍ଟ ୱାୟର, 107 Sq.mm., ପରିମାଣ : T.S. ଅନୁସାରେ

06. ଟେଣ୍ଡର ନଂ. 03251138 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଡ୍ ପାଇପ ପାଇଁ ହୋସ କପ୍ଲିଙ୍ଗ, ପରିମାଣ : T.S. ଅନୁସାରେ

07. ଟେଣ୍ଡର ନଂ. 06245370 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନିୟୁ ଡିଜାଇନ ଥିକ ୱେବ ସ୍ୱିଚ୍ ଏକ୍ସପାନସନ ଜଏଣ୍ଟ, ପରିମାଣ : T.S. ଅନୁସାରେ

08. ଟେଣ୍ଡର ନଂ. 03251043 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲିଭର ଆସେମ୍ବଲି, ପରିମାଣ : 3971 ଗୋଟି

ଟେଣ୍ଡର ଖୋଲାଯିବା ତାରିଖ : 25.04.2025 (କ୍ରମ ସଂ. 02 ପାଇଁ), 28.04.2025 (କ୍ରମ ସଂ. 03 ରୁ 07 ପାଇଁ), 05.05.2025 (କ୍ରମ ସଂ. 01 ଏବଂ 08 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର
PR-49/Q/25-26

**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल,हजारीबाग।**
**शुद्धि पत्र /सूचना**

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 74 /2024-25 ,PR संख्या– 349010 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist-Hazaribagh For The Year 2024-2025 को अपरिहार्य कारणवश रद्द की जाती है।

कार्यपालक अभियंता,
भवन प्रमण्डल, हजारीबाग।
PR 350578 Building(25-26)D

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**
**लापता: आवश्यक सूचना**





गुमशुदा पुरुष राजेन्द्र सिंह, उम्र–करीब 55 वर्ष।

सर्व साधारण को सूचित किया जाता है कि आवेदिका सह पत्नी तरंजीत कौर के द्वारा अपने गुमशुदा पति–राजेन्द्र सिंह, उम्र–करीब 55 वर्ष के गुमशुदगी के संबंध में संबंधित थाना चाकुलिया में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा राजेन्द्र सिंह, उम्र–करीब 55 वर्ष, पिता–स्व0 स्वर्ण सिंह, पता–नियर स्टेट बैंक, नया बाजार चाकुलिया, जिला–पूर्वी सिंहभूम, जमशेदपुर जो दिनांक–19.03.2025 को अपने घर चाकुलिया से दिल्ली निजी काम से गये थे। दिनांक–21.03.2025 को रात करीब 10:00 बजे अपने घर बात करने के बाद उनका फोन बंद हो गया है और उनसे सम्पर्क नहीं हो पा रहा है। वह अभी तक अपने घर वापस नहीं आये हैं। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा व्यक्ति का हुलिया निम्न प्रकार है:– उम्र–55 वर्ष, कद–05 फीट 10 इंच, रंग–गोरा, पहनावा–सफेद पैंट शर्ट, जूता–ब्लू रंग का, भाषा–बंगाली, हिन्दी और पंजाबी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0 घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 350534 Police (25-26)_D

See Career Appointment on every Wednesday & Saturday

**Department of Environmental Science**
**Fakir Mohan University**
Vyasavihar, Nuapadhi, Balasore, Odisha-756089
Website : www.fmuniversity.nic.in
No.FMU/OHEPEE/CoE/04/2025 2810 Date : 17.04.2025

**Indicative Notice Inviting Tender**

Sealed quotations are invited from interested Dealers, Suppliers and Manufacturers with valid GSTIN certificate, PAN card and authorised dealer certificate for supply of **Lab Equipment/Instruments** for Fakir Mohan University, Balasore. The last date for submission of quotations by Regd./Speed Post is **09.05.2025 by 04:00 P.M.** For details please visit the University website www.fmuniversity.nic.in.

Sd./- (Registrar)

**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ-ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ଓୟାରରେ ଶକ୍ତି ସରବରାହ ଆରମ୍ଭ ହୋଇଯିବ । ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍‌ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ । **ସେକ୍ସନ; କିମି/ଚେନେଜ୍; ଶକ୍ତି ସରବରାହ ଆରମ୍ଭ ତାରିଖ :** ● ସୋରୋରୁ ରାଣିତାଲ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍; **ଠାରୁ:** କିମି ୨୬୧/୧୫ଏ (ସିଏଚ୍: ୨୬୧/୪୪୩.୦୦) **ପର୍ଯ୍ୟନ୍ତ:** କିମି ୨୮୪/୯ଏ/୧ (ସିଏଚ୍: ୨୮୪/୩୫୫.୦୦); **୧୫।୦୫।୨୦୨୫ ।** ● ସୋରୋ/ଏସ୍‌ପି; **ଠାରୁ :** ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦) **ପର୍ଯ୍ୟନ୍ତ:** ୨୬୨/୯ଏ (ସିଏଚ୍: ୨୬୨/୨୩୮.୦୦); **୩୦।୦୪।୨୦୨୫ ।** ● ଫିଡର୍ ଲାଇନ୍; ୧. **ଠାରୁ:** ଏସ୍ଏଫ୍‌ଓ/ଏଫ୍-୧୩ (ସିଏଚ୍: ୨୬୧/୬୯୫.୦୦) **ପର୍ଯ୍ୟନ୍ତ:** ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦); **୩୦।୦୪।୨୦୨୫ ।** ୨. **ଠାରୁ:** ଏସ୍ଏଫ୍‌ଓ/ଏଫ୍-୧୨ (ସିଏଚ୍: ୨୬୧/୬୮୨.୦୦) **ପର୍ଯ୍ୟନ୍ତ:** ଏସ୍ଏଫ୍‌ଓ/ଜି-୧୩ (ସିଏଚ୍: ୨୬୨/୧୯୮.୦୦); **୩୦।୦୪।୨୦୨୫**

**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ସୋରୋରୁ ରାଣିତାଲ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ ସେକ୍ସନ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ପ୍ରଚଳନ ସଂକ୍ରାନ୍ତରେ, ଅତ୍ୟଧିକ ଉଚ୍ଚତାବିଶିଷ୍ଟ ଭାରକୁ ଜୀବନ୍ତ ଟ୍ରାକ୍ସନ୍ ତାର (**କଣ୍ଟାକ୍ଟ ଓୟାର୍**)ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ପ୍ରତିରୋଧ କରିବା ଲାଗି ସମସ୍ତ ଲେଭଲ କ୍ରସିଂରେ ସଡ଼କ ସ୍ତରରୁ **ସର୍ବାଧିକ ୪.୬୮ ମିଟରର** ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ ।** ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍‌କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ । ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ: (i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା । (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ ।

(PR-58) ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**e-Procurement Cell**
**OFFICE OF THE EXECUTIVE ENGINEER,**
**BUILDING CONSTRUCTION DEPARTMENT**
**BUILDING DIVISION GUMLA**

**Short Notice Tender Inviting**
Tender Reference No.-02BCD/GUMLA/2025-26

| क्र. सं. | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | COMPREHENSIVE RENOVATION INCLUDING TOILET, DILAPIDATED CLASSROOM, FLOOR, WINDOW, KITCHEN, DOOR, ROOF FAN ETC AND ELECTRIFICATION WORK AT KRISHNA HOSTEL GUMLA | 99,89,600.00 | 9 माह |
| i | वेबसाईट पर निविदा प्रकाशन की तिथि | 02.05.2025 | |
| ii | बिड प्राप्ति के लिए अन्तिम तिथि/समय | 08.05.2025 को अपराह्न 3.00 बजे। | |
| iii | निविदा खोलने की तिथि/समय | 09.05.2025 को अपराह्न 3.00 बजे। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department Building Division, Gumla | |
| v | प्रोक्योरमेंट पदाधिकारी का सम्पर्क संख्या | 8709489994 | |
| vi | ई–प्रोक्योरमेंट सेल का हेल्पलाईन संख्या | 9990708350 | |

- इस निविदा/कोटेशन से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।

*Note : New Updated UCAN Registration is mandatory for all Bidders.*

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Gumla

PR 350552 (Building) 25-26 (D)

**ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ**
**INDIAN INSTITUTE OF FOREIGN TRADE**
ଡିମ୍‌ଡ ଟୁ ବି ୟୁନିଭର୍ସିଟି
(ବାଣିଜ୍ୟ ବିଭାଗ, ଭାରତ ସରକାର)
ଏନ୍ଏଏସି ଦ୍ୱାରା "A+ ଗ୍ରେଡ୍" ମାନ୍ୟତାପ୍ରାପ୍ତ
AACSB ACCREDITED

**ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଇଣ୍ଟରନ୍ୟାସନାଲ ବିଜନେସ୍) କାର୍ଯ୍ୟକ୍ରମ ୨୦୨୫-୩୦ ରେ ନାମଲେଖା ଘୋଷଣା କରାଯାଉଛି**

ବାଣିଜ୍ୟ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ (ଆଇଆଇଏଫ୍‌ଟି) **କାକିନାଡା କ୍ୟାମ୍ପସ (ଆନ୍ଧ୍ରପ୍ରଦେଶ)**ଠାରେ ପ୍ରଦାନ କରାଯାଉଥିବା ଆବାସିକ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିବିଏ-ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଏମ୍‌ବିଏ-ଇଣ୍ଟରନ୍ୟାସନାଲ ବିଜନେସ୍) ୨୦୨୫-୩୦ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଛି ।

**ଯୋଗ୍ୟତା:** (୧) ପ୍ରାର୍ଥୀ ବର୍ଷ ୨୦୨୩, ୨୦୨୪ କିମ୍ବା ୨୦୨୫ରେ ଦେଇଥିବା ପରୀକ୍ଷାରେ କଳା/ବାଣିଜ୍ୟ/ବିଜ୍ଞାନ ଶୃଙ୍ଖଳା କିମ୍ବା ସମତୁଲ୍ୟ ଶୃଙ୍ଖଳାରେ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦+୨/XII/ଏଚ୍ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୨) ପ୍ରାର୍ଥୀ ବର୍ଷ ୨୦୨୧ ପୂର୍ବରୁ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୩) +୨ ସ୍ତରରେ ଗଣିତ/ବ୍ୟବସାୟ ଗଣିତ/ପ୍ରାୟୋଗିକ ଗଣିତ/ପରିସଂଖ୍ୟାନ/ବ୍ୟବସାୟ ପରିସଂଖ୍ୟାନ ଏକ ବିଷୟ ରହିଥିବା ବାଧ୍ୟତାମୂଳକ ।

**ନାମଲେଖା ପଦ୍ଧତି:** ଚୟନ ଆଇପିଏମ୍ଏଟି ୨୦୨୫ ସ୍କୋର୍ (ଯାହା ଆଇଆଇଏମ୍-ଇନ୍ଦୋର ଦ୍ୱାରା ସଞ୍ଚାଳିତ ହେବ), ୧୦ମ ଶ୍ରେଣୀର ଶିକ୍ଷାଗତ ପ୍ରୋଫାଇଲ ତଥା ଲିଙ୍ଗ ବିବିଧତା ଆଧାରରେ କରାଯିବ ।

**ଦ୍ରଷ୍ଟବ୍ୟ:** ପ୍ରାର୍ଥୀ ଆଇପିଏମ୍ଏଟି ବିଜ୍ଞାପନ ଏବଂ ଆଇପିଏମ୍ ୨୦୨୫-୩୦ ପାଇଁ ନାମଲେଖା ପଦ୍ଧତିକୁ ଅନୁସରଣ କରିବା ଉଚିତ, ଯାହା ଆଇଆଇଏମ୍ ଇନ୍ଦୋର ୱେବସାଇଟ୍‌ରେ ଉପଲବ୍ଧ । ଆଇଆଇଏଫ୍‌ଟି ଏହାର ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ ନିମନ୍ତେ ପ୍ରାର୍ଥୀଙ୍କ ଶର୍ଟଲିଷ୍ଟିଂ / ଚୟନ ଲାଗି ଆଇପିଏମ୍ଏଟି ୨୦୨୫ ସ୍କୋର୍ ବ୍ୟବହାର କରିବ । ଚୟନ ପ୍ରକ୍ରିୟା କିମ୍ବା କାର୍ଯ୍ୟକ୍ରମ ସଞ୍ଚାଳନରେ ଆଇଆଇଏମ୍ ଇନ୍ଦୋରର କୌଣସି ଭୂମିକା ନାହିଁ ।

**କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆଇଆଇଏଫ୍‌ଟି ୱେବସାଇଟ୍ www.iift.ac.in ଦେଖନ୍ତୁ**

| ଗୁରୁତ୍ୱପୂର୍ଣ୍ଣ ତାରିଖ | |
|---|---|
| ଆଇଆଇଏଫ୍‌ଟିର ଆଇପିଏମ୍ ୨୦୨୫-୩୦ ପାଇଁ ଅନଲାଇନ ଆବେଦନର ଶେଷ ତାରିଖ | ୩୦ ଏପ୍ରିଲ ୨୦୨୫ |
| ଆଇପିଏମ୍ଏଟି ୨୦୨୫ (ଆଇଆଇଏମ୍ ଇନ୍ଦୋର ଦ୍ୱାରା ସଞ୍ଚାଳନ କରାଯିବ)ର ତାରିଖ | ୧୨ ମେ ୨୦୨୫ |

*କୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ:* **ଶ୍ରୀ ଅମିତ କୁମାର ଚନପୁରିଆ, ଉପ ନିବନ୍ଧକ (ଶିକ୍ଷାଗତ)**
**ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ, ବି-୨୧, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ-୧୧୦୦୧୬**
**ଟେଲି. ୦୧୧-୩୯୧୪୭୨୧୩; ଇ-ମେଲ୍: ipm@iift.edu; ୱେବସାଇଟ୍: www.iift.ac.in**
CBC 05103/12/0001/2526 **ଶ୍ରୀ ଗୌରବ ଗୁଲାଟି, ନିବନ୍ଧକ**

**ଏମ୍‌ପିଙ୍କ ପ୍ରତିନିଧି ହେଲେ ଗୌତମ, ମନୋଜ, ବଜରଙ୍ଗ**

**ପାରାଦୀପ,(ଶରତ ରାଉତ):** ଜଗତ୍‌ସିଂହପୁର ଲୋକ ସଭା ଏମ୍‌ପି ବିଭୁପ୍ରସାଦ ତରାଇ ଗୁରୁବାର ପାରାଦୀପ ଅଞ୍ଚଳ ପାଇଁ ତାଙ୍କ ପ୍ରତିନିଧି ଭାବେ ୩ ଜଣଙ୍କ ନାମ ଚୟନ କରିଛନ୍ତି। ସେମାନେ ହେଲେ ପାରାଦୀପ ପୌରପରିଷଦ ପାଇଁ ଗୌତମ ନାୟକ, ବିଜୁ ମେମୋରିଆଲ ହସ୍ପିଟାଲ, ରୋଗୀ କଲ୍ୟାଣ ସମିତି ପାଇଁ ଇଂ. ମନୋଜ କୁମାର ନାୟକ, ପାରାଦୀପ କଲେଜ ପାଇଁ ବଜରଙ୍ଗ ପ୍ରସାଦ ସ୍ୱାଇଁ। ଉକ୍ତ ୩ ଜଣ ଉପରୋକ୍ତ ସରକାରୀ ଅନୁଷ୍ଠାନର ଏମ୍‌ପିଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ ବୋଲି ଏମ୍‌ପି ତରାଇ ଜିଲାପାଳ ଜେ. ସୋନାଲଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ଗୌତମ, ମନୋଜ ଓ ବଜରଙ୍ଗ ଏମ୍‌ପି ତରାଇଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଏସ୍‌ପିଙ୍କୁ ଘେରିବାକୁ ଚେତାବନୀ ଦେଲେ ବିଧାୟକ

### ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନକୁ ୨ ଦିନ ପୂରିଲା

ରଘୁନାଥପୁର, ୧୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ସରକାରୀ କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତା ଖୁଣ୍ଟିଆ ଓ ଏଡିଓ ସୂର୍ଯ୍ୟକାନ୍ତ ସାହୁଙ୍କୁ ଆକ୍ରମଣ ଘଟଣାରେ କର୍ମଚାରୀଙ୍କ ପକ୍ଷରୁ ଚାଲିଥିବା କଲମଛାଡ଼ ଆନ୍ଦୋଳନକୁ ୨ ଦିନ ପୂରିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ନିଜର ସୁରକ୍ଷା ଦାବିରେ ଗୁରୁବାରଠାରୁ ବ୍ଲକ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଛନ୍ତି। ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଅନଶନ ସ୍ଥଳରେ ପହଞ୍ଚି ୧୧ ତାରିଖରେ ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ଅନଶନକୁ ନୈତିକ ସମର୍ଥନ ଜଣାଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାନ ଗଲେ ବିଜେଡି ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ବିଧାୟକ ଭୋଇ ଚେତାବନୀ ଦେଇଛନ୍ତି। କର୍ମଚାରୀମାନଙ୍କ କଲମ ଛାଡ଼ ଆନ୍ଦୋଳନ ଯୋଗୁ ବ୍ଲକ କାର୍ଯ୍ୟାଳୟର ସବୁକାମ ଠପ୍ ହୋଇଯାଇଛି।

# ଲିଖିତ ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ପଞ୍ଚାୟତ ଜନପ୍ରତିନିଧି



ଅନଶନରେ ବସିଥିବା ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ ଲେଙ୍କାଙ୍କ ସମେତ ଅନ୍ୟ ଜନ ପ୍ରତିନିଧିମାନେ।

ନାଉଗାଁ, ୧୭।୪ (ସୁଧା ବେହୁରା)

### ବ୍ଲକ ପ୍ରଶାସନର ମନମାନି ବିରୋଧରେ ଆମରଣ ଅନଶନ ପ୍ରସଙ୍ଗ

ନାଉଗାଁ ବ୍ଲକ ପ୍ରଶାସନ ମନମାନି କରୁଥିବା ଅଭିଯୋଗ କରି ବଣ୍ଟାଲୋ ପଞ୍ଚାୟତ ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ ଲେଙ୍କା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଥିଲେ। ସେମାନଙ୍କୁ ସମର୍ଥନ ଜଣାଇ ଅନ୍ୟ ପଞ୍ଚାୟତର ଜନପ୍ରତିନିଧି ଓ ଅନ୍ୟମାନେ ଅନଶନସ୍ଥଳରେ ବସିଥିଲେ। ଅନଶନକୁ ୫୨ ଘଣ୍ଟା ପୂରିବା ପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା ପରିଷଦ କାର୍ଯ୍ୟାଳୟର ଏପିଡି ଅଭିମନ୍ୟୁ ପଣ୍ଡା ଅନଶନସ୍ଥଳରେ ପହଞ୍ଚି ସେମାନଙ୍କ ଦ୍ୱାରା କରାଯାଇଥିବା ଦାବି ଉପରେ ଆଲୋଚନା କରିଥିଲେ। ଏହାପରେ ବ୍ଲକର ବିଭାଗୀୟ ଯନ୍ତ୍ରୀ ଏନେଇ ଲିଖିତ ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଛି ବୋଲି ସମିତି ସଭ୍ୟ ଚନ୍ଦନ ଲେଙ୍କା କହିଛନ୍ତି। ଏହି ଗ୍ରାମପଞ୍ଚାୟତରେ ଏକ ବ୍ୟାଙ୍କ ସେବାଗୃହ ନିର୍ମାଣ ନିମନ୍ତେ ୨୬ମେ ସାଧାରଣ ବୈଠକରେ ସ୍ଥାନ ନିରୂପଣ କରାଯାଇଥିଲା। କିନ୍ତୁ ସେଉଁ ସ୍ଥାନ ନିରୂପଣ କରାଯାଇଥିଲା, ସେହି ସ୍ଥାନରେ ଉକ୍ତ ଗୃହ ନିର୍ମାଣ କରା ନ ଯାଇ ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚଙ୍କ ଅଜାଣତରେ ଅନ୍ୟ ଏକ ସ୍ଥାନରେ ନିର୍ମାଣ କରାଯାଇଛି। ଏନେଇ ମାର୍ଚ୍ଚ ୨୯ରେ ଜିଲା ପ୍ରଶାସନ ସମେତ ବ୍ଲକ ଅଧକ୍ଷ ଓ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ଏହାପରେ ବ୍ଲକ ଅଧକ୍ଷ ଦ୍ୱୟ ଜଣ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ.ଅଙ୍କିତା ଡାଲି, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋନାଲି ମଲ୍ଲିକ ପ୍ରମୁଖ କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଥିଲେ। ଏହାପରେ ବି ଉକ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିବାରୁ ଏବଂ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ସରପଞ୍ଚ ପ୍ରିୟଦର୍ଶିନୀ ଓ ସମିତି ସଭ୍ୟ ଚନ୍ଦନ ଅସନ୍ତୋଷ ବ୍ୟକ୍ତ କରି ଅନଶନରେ ବସିଥିଲେ। ସେମାନଙ୍କ ସମର୍ଥନ ଜଣାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପୁଲିନ ପ୍ରଧାନ, ଘୋଡାଗଡ଼ ସମିତି ସଭ୍ୟ ତରୁଣକାନ୍ତ ବାରିକ, ଡାବର ସମିତି ସଭ୍ୟ ସୁବଳ ବେହେରା, ଡେରିକି ସରପଞ୍ଚ ପ୍ରଶାନ୍ତ ଜେନା, ଅଲଣା ସରପଞ୍ଚ ଚନ୍ଦ୍ରମଣି ବେହେରା, ନୂଆଗାଁ ସରପଞ୍ଚ ବୋଜଗୋବିନ୍ଦ ରାଉତ, ଗଳଧାରୀ ସରପଞ୍ଚ ଦିଲୀପ ନାୟକ, ସାମାଜିକ କର୍ମୀ ଅନିଲ ଲେଙ୍କା, ପଦ୍ମଲୋଚନ ରାଉତ, ଗୋରାଙ୍ଗ ସ୍ୱାଇଁ, ଆଶିଷ ବେହେରା, ପ୍ରଶାନ୍ତ ଜେନାଙ୍କ ସମେତ ଗ୍ରାମର ୧୦ଉର୍ଦ୍ଧ୍ୱ ମହିଳା ଅନଶନସ୍ଥଳରେ ବସିଥିଲେ।

# ସମସ୍ତ ସିଆର୍‌ସିସି ଆବେଦନ ଫର୍ମ ପଠାଇବାକୁ ଦାବି

### ୨୨ରୁ ଧାରଣା ଦେବାକୁ ଚେତାବନୀ ଦେଲା ପ୍ରାଥମିକ ଶିକ୍ଷକ ସଂଘ

ଏରସମା, ୧୭।୪ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକରେ ସିଆର୍‌ସିସି ପଦବୀ ପାଇଁ ଆବେଦନ କରାଯାଇଥିବା ସମସ୍ତ ଫର୍ମକୁ ଉଚ୍ଚ ଅଧିକାରୀଙ୍କ ପାଖକୁ ପଠାଇବା ପାଇଁ ଗୁରୁବାର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଏକ ଲିଖିତ ଦାବିପତ୍ର ବିଇଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଇଓ ଗୋପବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଏରସମା ବ୍ଲକରେ ଆମ୍ବିକି, ବାଲିତୁଠ, ନୂଆଗାଁ, ଖୁରାଣ୍ଟ, ମଲ୍ଲିପୁର ଓ ସିଂହପୁର କ୍ଲଷ୍ଟରରେ ସିଆର୍‌ସିସି ପଦବୀରେ ନିଯୁକ୍ତି ପାଇଁ ଶିକ୍ଷକମାନେ ଆବେଦନ କରିଥିଲେ। ମାତ୍ର ବିଇଓ ସମସ୍ତ ଆବେଦନକାରୀଙ୍କ ଫର୍ମକୁ ଜଗତ୍‌ସିଂହପୁରସ୍ଥିତ ଡିପିସିଙ୍କ କାର୍ଯ୍ୟାଳୟକୁ ପଠାଇ ନାହାନ୍ତି । ଏହାକୁ ବିରୋଧ କରି ସଂଘ ସଭାପତି ଅଶୋକ କୁମାର ଖଣ୍ଡୁଆଳ, ସମ୍ପାଦକ ବୈଷ୍ଣବ ଚରଣ ବିଶ୍ୱାଳ, ଜିତେନ୍ଦ୍ର ଖଟୁଆ, ଜ୍ୟୋତି ରଞ୍ଜନ ସେଠୀ, ସୁଧୀର ମଲ୍ଲିକ, ସରୋଜ କୁନାର ବେହେରାଙ୍କ ପକ୍ଷରୁ ଏକ ଲିଖିତ ଦାବିପତ୍ର ଦିଆଯାଇଛି। ଏ ସମ୍ପର୍କରେ ବିଇଓ ଅକ୍ଷୟ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ଏ ସମ୍ପର୍କରେ ଅତିରିକ୍ତ ବିଇଓ ଗୋପବନ୍ଧୁ ନାୟକଙ୍କୁ ପଚାରିବାରେ ବିଇଓ କାହାର ଫର୍ମ ପଠାଇଛନ୍ତି ସେ ଜାଣି ନ ଥିବା କହିଥିଲେ।

# ବିଜୁବାବୁଙ୍କ ବିନା ଆଧୁନିକ ଓଡ଼ିଶାର ଇତିହାସ ଅସମ୍ପୂର୍ଣ୍ଣ

ଜଗତ୍‌ସିଂହପୁର, ୧୭।୪ (ପ୍ରମୋଦ କୁମାର ନାୟକ)

### ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ


ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଆଗରେ ଜିଲାପାଳ ଓ ଅନ୍ୟମାନେ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଜେ. ସୋନାଲ ପୁଷ୍ପ ଗୁଚ୍ଛଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଓ ପରିଷଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାକଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଜଙ୍ଗ ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ ଅଧ୍ୟକ୍ଷତା କରି ବିଜୁବାବୁଙ୍କ ବିନା ଆଧୁନିକ ଓଡ଼ିଶାର ଇତିହାସ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନା ରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ ଓ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ଲକ ଛକ ନିକଟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଡ. ସୁରେନ୍ଦ୍ରନାଥ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ବାଲିକୁଦା, (ତାପସ ସ୍ୱାଇଁ):** ବାଲିକୁଦା ବ୍ଲକ ଈଶ୍ୱରପୁରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତିହୁଡ଼ି ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବାଲିକୁଦା–ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଜେଡି କର୍ମୀମାନେ ତିହୁଡ଼ିଠାରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ସଭା କରାଯାଇଥିଲା। ବିଧାୟକ ଜେନାଙ୍କ ସମେତ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ବ୍ଲକ ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ମା’ କୁତାମଚଣ୍ଡୀଙ୍କ ଝାମୁଯାତ୍ରା

ନାଉଗାଁ, ୧୭।୪ (ସୁଧା ବେହୁରା)

ନାଉଗାଁ ବ୍ଲକର ସର୍ବପୁରାତନ ଶକ୍ତିପୀଠ ଦେବିଦୋଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ କୁତାମଚଣ୍ଡୀଙ୍କ ପୀଠରେ ପବିତ୍ର ଝାମୁଯାତ୍ରାର ଶେଷ ପାଳିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଶେଷପାଳିରେ ଅନୁଷ୍ଠିତ ଯାତ୍ରାରେ ଝାମୁନିଆଁରେ ଘଣ୍ଟପାଟୁଆ ନାଚ ସାଙ୍ଗକୁ ଗୋପାଳ ଭାଇମାନଙ୍କ କାଠି ଲଉଡି ଖେଳ, ପାଲା, ଘୋଡ଼ାନାଚ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ହୋଇଥିଲା।


## ସେଲ୍‌ଫି କର୍ନର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିନାୟକ


@ ଦିଲୀପ


@ ଲିପୁନ


@ ରାଜେଶ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**e-Procurement Cell**
**OFFICE OF THE EXECUTIVE ENGINEER, BUILDING CONSTRUCTION DEPARTMENT BUILDING DIVISION GUMLA**

**Short Notice Tender Inviting**

Tender Reference No.-02BCD/GUMLA/2025-26

| क्र. सं. | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | COMPREHENSIVE RENOVATION INCLUDING TOILET, DILAPIDATED CLASSROOM, FLOOR, WINDOW, KITCHEN, DOOR, ROOF FAN ETC AND ELECTRIFICATION WORK AT KRISHNA HOSTEL GUMLA | 99,89,600.00 | 9 माह |
| i | वेबसाईट पर निविदा प्रकाशन की तिथि | 02.05.2025 | |
| ii | बिड प्राप्ति के लिए अन्तिम तिथि/समय | 08.05.2025 को अपराह्न 3.00 बजे। | |
| iii | निविदा खोलने की तिथि/समय | 09.05.2025 को अपराह्न 3.00 बजे। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department Building Division, Gumla | |
| v | प्रोक्योरमेंट पदाधिकारी का सम्पर्क संख्या | 8709489994 | |
| vi | ई–प्रोक्योरमेंट सेल का हेल्पलाईन संख्या | 9990708350 | |

- इस निविदा/कोटेशन से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।

*Note : New Updated UCAN Registration is mandatory for all Bidders.*

Nodal Officer, e-Procurement Cell, Office of the Executive Engineer, Building Construction Department, Building Division, Gumla

PR 350552 (Building) 25-26 (D)

**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल,हजारीबाग।**
**शुद्धि पत्र /सूचना**

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 74 /2024-25 ,PR संख्या– 349010 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist- Hazaribagh For The Year 2024-2025 को अपरिहार्य कारणवश रद्द की जाती है।

कार्यपालक अभियंता, भवन प्रमण्डल, हजारीबाग।

PR 350578 Building(25-26)D

**Department of Environmental Science**
**Fakir Mohan University**
Vyasavihar, Nuapadhi, Balasore, Odisha-756089
Website : www.fmuniversity.nic.in

No.FMU/OHEPEE/CoE/04/2025 2810 Date : 17.04.2025

**Indicative Notice Inviting Tender**

Sealed quotations are invited from interested Dealers, Suppliers and Manufacturers with valid GSTIN certificate, PAN card and authorised dealer certificate for supply of **Lab Equipment/Instruments** for Fakir Mohan University, Balasore. The last date for submission of quotations by Regd./Speed Post is **09.05.2025 by 04:00 P.M.** For details please visit the University website www.fmuniversity.nic.in.

Sd./- (Registrar)

**पूर्व तट रेलपथ** — **ପୂର୍ବ ତଟ ରେଳପଥ**
**‘ଇ’ କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ୍ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/02, ତା.15.04.2025ରିଖ

**01. ଟେଣ୍ଡର ନଂ. 04252409 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 25 KW, 110/130V DC ବ୍ରଶଲେସ ଅଲ୍ଟରନେଟର, ପରିମାଣ : 54 ଗୋଟି
**02. ଟେଣ୍ଡର ନଂ. 03251794 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଂ ହାଇଡ୍ରୋଲିକ୍ ସକ୍ ଅବଜର୍ବର, ପରିମାଣ : 1365 ଗୋଟି
**03. ଟେଣ୍ଡର ନଂ. 03253928 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ ପ୍ୟାଡ୍ ସେଟ୍, ପରିମାଣ : 20725 ସେଟ୍
**04. ଟେଣ୍ଡର ନଂ. 03253794 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଟିଙ୍ଗ୍ ଆକ୍ସେଲ ବକ୍ସ ପାଇଭଟ ବୁଶ, ପରିମାଣ : 5515 ଗୋଟି
**05. ଟେଣ୍ଡର ନଂ. 04245133 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟ ଲେସ୍ ଗ୍ରୁଭଡ କପର କଣ୍ଟାକ୍ଟ ୱାୟର, 107 Sq.mm., ପରିମାଣ : T.S. ଅନୁସାରେ
**06. ଟେଣ୍ଡର ନଂ. 03251138 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଡ୍ ପାଇପ ପାଇଁ ହୋସ କପ୍ଲିଙ୍ଗ, ପରିମାଣ : T.S. ଅନୁସାରେ
**07. ଟେଣ୍ଡର ନଂ. 06245370 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନିୟୁ ଡିଜାଇନ ଥିକ ୱେବ ସ୍ୱିଚ୍ ଏକ୍ସପାନସନ ଜଏଣ୍ଟ, ପରିମାଣ : T.S. ଅନୁସାରେ
**08. ଟେଣ୍ଡର ନଂ. 03251043 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲିଭର ଆସେମ୍ବଲି, ପରିମାଣ : 3971 ଗୋଟି

ଟେଣ୍ଡର ଖୋଲାଯିବା ତାରିଖ : **25.04.2025** (କ୍ରମ ସଂ. 02 ପାଇଁ), **28.04.2025** (କ୍ରମ ସଂ. 03 ରୁ 07 ପାଇଁ), **05.05.2025** (କ୍ରମ ସଂ. 01 ଏବଂ 08 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-49/Q/25-26

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**




**गुमशुदा पुरूष राजेन्द्र सिंह, उम्र–करीब 55 वर्ष।**

सर्व साधारण को सूचित किया जाता है कि आवेदिका सह पत्नी तरंजीत कौर के द्वारा अपने गुमशुदा पति–राजेन्द्र सिंह, उम्र–करीब 55 वर्ष के गुमशुदगी के संबंध में संबंधित थाना चाकुलिया में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा राजेन्द्र सिंह, उम्र–करीब 55 वर्ष, पिता–स्व0 स्वर्ण सिंह, पता–नियर स्टेट बैंक, नया बाजार चाकुलिया, जिला–पूर्वी सिंहभूम, जमशेदपुर जो दिनांक–19.03.2025 को अपने घर चाकुलिया से दिल्ली निजी काम से गये थे। दिनांक–21.03.2025 को रात करीब 10:00 बजे अपने घर बात करने के बाद उनका फोन बंद हो गया है और उनसे सम्पर्क नहीं हो पा रहा है। वह अभी तक अपने घर वापस नहीं आये हैं। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा व्यक्ति का हुलिया निम्न प्रकार है:– उम्र–55 वर्ष, कद–05 फीट 10 इंच, रंग–गोरा, पहनावा–सफेद पैंट शर्ट, जूता–ब्लू रंग का, भाषा–बंगाली, हिन्दी और पंजाबी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक (ग्रामीण), पूर्वी सिंहभूम, जमशेदपुर | : 9470199228 |
| अनु0पु0पदा0 घाटशिला | : 9431706485 |
| थाना प्रभारी, चाकुलिया | : 9431706520 |

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 350534 Police (25-26)_D

See Career Appointment on every Wednesday & Saturday

**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ–ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ଓ୍ୱାୟାରରେ ଶକ୍ତି ସରବରାହ ଆରମ୍ଭ ହୋଇଯିବ । ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍‌ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ । **ସେକ୍ସନ; କିମି/ଚେନେଜ୍; ଶକ୍ତି ସରବରାହ ଆରମ୍ଭ ତାରିଖ :** ● ସୋରୋରୁ ରାଣିତାଳ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍; **ଠାରୁ:** କିମି ୨୬୧/୧୫ଏ (ସିଏଚ୍: ୨୬୧/୪୪୩.୦୦) **ପର୍ଯ୍ୟନ୍ତ:** କିମି ୨୮୪/୯ଏ/୧ (ସିଏଚ୍: ୨୮୪/୩୫୫.୦୦); **୧୫।୦୫।୨୦୨୫** । ● ସୋରୋ/ଏସ୍‌ପି; **ଠାରୁ :** ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦) **ପର୍ଯ୍ୟନ୍ତ:** ୨୬୨/୯ଏ (ସିଏଚ୍: ୨୬୨/୨୩୮.୦୦); **୩୦।୦୪।୨୦୨୫** । ● ଫିଡର ଲାଇନ୍; **୧. ଠାରୁ:** ଏସ୍‌ଏଫ୍‌ଓ/ଏଫ୍–୧୩ (ସିଏଚ୍: ୨୬୧/୬୯୫.୦୦) **ପର୍ଯ୍ୟନ୍ତ:** ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦); **୩୦।୦୪।୨୦୨୫** । **୨. ଠାରୁ:** ଏସ୍‌ଏଫ୍‌ଓ/ଏଫ୍–୧୨ (ସିଏଚ୍: ୨୬୧/୬୮୨.୦୦) **ପର୍ଯ୍ୟନ୍ତ:** ଏସ୍‌ଏଫ୍‌ଓ/ଜି–୧୩ (ସିଏଚ୍: ୨୬୨/୧୯୮.୦୦); **୩୦।୦୪।୨୦୨୫**

**“ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ”**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ସୋରୋରୁ ରାଣିତାଳ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ ସେକ୍ସନ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ପ୍ରଚଳନ ସଂକ୍ରାନ୍ତରେ, ଅତ୍ୟଧିକ ଉଚ୍ଚତାବିଶିଷ୍ଟ ଭାରକୁ ଜୀବନ୍ତ ଟ୍ରାକ୍ସନ୍ ତାର (**କଣ୍ଟାକ୍ଟ ଓ୍ୱାୟାର**)ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ପ୍ରତିରୋଧ କରିବା ଲାଗି ସମସ୍ତ ଲେଭଲ କ୍ରସିଂରେ ସଡ଼କ ସ୍ତରରୁ **ସର୍ବାଧିକ ୪.୬୭ ମିଟରର ସ୍ପଷ୍ଟ ଉଚ୍ଚତାରେ** ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ ।** ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍‌କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ । ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ: (i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା । (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ ।

(PR-58) ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ**
**INDIAN INSTITUTE OF FOREIGN TRADE**
ଡିମ୍‌ଡ ଟୁ ବି ୟୁନିଭର୍ସିଟି
(ବାଣିଜ୍ୟ ବିଭାଗ, ଭାରତ ସରକାର)
ଏନ୍‌ଏଏସି ଦ୍ୱାରା ''A+ ଗ୍ରେଡ୍'' ମାନ୍ୟତାପ୍ରାପ୍ତ
AACSB ACCREDITED

**ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଇଣ୍ଟରନ୍ୟାସନାଲ ବିଜନେସ୍) କାର୍ଯ୍ୟକ୍ରମ ୨୦୨୫-୩୦ ରେ ନାମଲେଖା ଘୋଷଣା କରାଯାଉଛି**

ବାଣିଜ୍ୟ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ (ଆଇଆଇଏଫ୍‌ଟି) **କାକିନାଡା କ୍ୟାମ୍ପସ୍ (ଆନ୍ଧ୍ରପ୍ରଦେଶ)**ଠାରେ ପ୍ରଦାନ କରାଯାଉଥିବା ଆବାସିକ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିବିଏ-ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଏମ୍‌ବିଏ-ଇଣ୍ଟରନ୍ୟାସନାଲ ବିଜନେସ୍) ୨୦୨୫-୩୦ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଛି ।

**ଯୋଗ୍ୟତା:** (୧) ପ୍ରାର୍ଥୀ ବର୍ଷ ୨୦୨୩, ୨୦୨୪ କିମ୍ବା ୨୦୨୫ରେ ଦେଇଥିବା ପରୀକ୍ଷାରେ କଳା/ବାଣିଜ୍ୟ/ବିଜ୍ଞାନ ଶୃଙ୍ଖଳା କିମ୍ବା ସମତୁଲ୍ୟ ଶୃଙ୍ଖଳାରେ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦+୨/XII/ଏଚ୍‌ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୨) ପ୍ରାର୍ଥୀ ବର୍ଷ ୨୦୨୧ ପୂର୍ବରୁ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୩) +୨ ସ୍ତରରେ ଗଣିତ/ବ୍ୟବସାୟ ଗଣିତ/ପ୍ରାୟୋଗିକ ଗଣିତ/ପରିସଂଖ୍ୟାନ/ବ୍ୟବସାୟ ପରିସଂଖ୍ୟାନ ଏକ ବିଷୟ ରହିଥିବା ବାଧ୍ୟତାମୂଳକ ।

**ନାମଲେଖା ପଦ୍ଧତି:** ଚୟନ ଆଇପିଏମ୍‌ଏଟି ୨୦୨୫ ସ୍କୋର୍ (ଯାହା ଆଇଆଇଏମ୍-ଇନ୍ଦୋର ଦ୍ୱାରା ସଞ୍ଚାଳିତ ହେବ), ୧୦ମ ଶ୍ରେଣୀର ଶିକ୍ଷାଗତ ପ୍ରୋଫାଇଲ ତଥା ଲିଙ୍ଗ ବିବିଧତା ଆଧାରରେ କରାଯିବ ।

**ଦ୍ରଷ୍ଟବ୍ୟ:** ପ୍ରାର୍ଥୀ ଆଇପିଏମ୍‌ଏଟି ବିଜ୍ଞାପନ ଏବଂ ଆଇପିଏମ୍ ୨୦୨୫-୩୦ ପାଇଁ ନାମଲେଖା ପଦ୍ଧତିକୁ ଅନୁସରଣ କରିବା ଉଚିତ, ଯାହା ଆଇଆଇଏମ୍ ଇନ୍ଦୋର ୱେବସାଇଟ୍‌ରେ ଉପଲବ୍ଧ । ଆଇଆଇଏଫ୍‌ଟି ଏହାର ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ ନିମନ୍ତେ ପ୍ରାର୍ଥୀଙ୍କ ଶର୍ଟଲିଷ୍ଟିଂ / ଚୟନ ଲାଗି ଆଇପିଏମ୍‌ଏଟି ୨୦୨୫ ସ୍କୋର୍ ବ୍ୟବହାର କରିବ । ଚୟନ ପ୍ରକ୍ରିୟା କିମ୍ବା କାର୍ଯ୍ୟକ୍ରମ ସଞ୍ଚାଳନରେ ଆଇଆଇଏମ୍ ଇନ୍ଦୋରର କୌଣସି ଭୂମିକା ନାହିଁ ।

**କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆଇଆଇଏଫ୍‌ଟି ୱେବସାଇଟ୍ www.iift.ac.in ଦେଖନ୍ତୁ**

| ଗୁରୁତ୍ୱପୂର୍ଣ୍ଣ ତାରିଖ | |
|---|---|
| ଆଇଆଇଏଫ୍‌ଟିର ଆଇପିଏମ୍ ୨୦୨୫-୩୦ ପାଇଁ ଅନଲାଇନ ଆବେଦନର ଶେଷ ତାରିଖ | ୩୦ ଏପ୍ରିଲ ୨୦୨୫ |
| ଆଇପିଏମ୍‌ଏଟି ୨୦୨୫ (ଆଇଆଇଏମ୍ ଇନ୍ଦୋର ଦ୍ୱାରା ସଞ୍ଚାଳନ କରାଯିବ)ର ତାରିଖ | ୧୨ ମେ ୨୦୨୫ |

*କୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ:* **ଶ୍ରୀ ଅମିତ କୁମାର ଚନପୁରିଆ, ଉପ ନିବନ୍ଧକ (ଶିକ୍ଷାଗତ)**
**ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ, ବି-୨୧, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ-୧୧୦୦୧୬**
**ଟେଲି. ୦୧୧-୩୯୧୪୭୨୧୩; ଇ-ମେଲ୍: ipm@iift.edu; ୱେବସାଇଟ୍: www.iift.ac.in**

CBC 05103/12/0001/2526 — **ଶ୍ରୀ ଗୌରବ ଗୁଲାଟି, ନିବନ୍ଧକ**

# କାଗଜାତ ଦେଲେନି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ

**ନୟାଗଡ଼,୧୭।୪(ଲୋକନାଥ ମିଶ୍ର)**



୩ ଜଣିଆ କମିଟି ତଦନ୍ତ କରୁଛନ୍ତି।

- ରେଜିଷ୍ଟ୍ରାରଙ୍କ ୩ ଜଣିଆ ଟିମ୍‌ର ତଦନ୍ତ
- ଜିଲାପାଳ ମାଗିଥିବା କ୍ଲାରିଫିକେଶନ ଦେଲେ ରେଜିଷ୍ଟ୍ରାର
- ପରିଚାଳନା ପରିଷଦର ସଭାପତି କେବଳ ଡାକିବେ ସାଧାରଣ ସଭା

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆୟକର ବିଭାଗ ପକ୍ଷରୁ ୩୬୨କୋଟି ୫୬ ଲକ୍ଷ ଫାଇନ ଘଟଣାର ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ରେଜିଷ୍ଟ୍ରାର ୪ ଜଣିଆ ଟିମ୍ ମଧ୍ୟରୁ ୩ ଜଣ ଅତିରିକ୍ତ ଟିମ୍ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ସେକ୍ସନ ଅଫିସର ଏହାର ତଦନ୍ତ କରିଥିଲେ। ୩୬୨ କୋଟି ୫୬ ଲକ୍ଷ ଆଇଟି ରିଟର୍ଣ୍ଣ ଉପରେ ଯାବତୀୟ ରେକର୍ଡପତ୍ର ୨୦୦୬ରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ସମ୍ପାଦକଙ୍କୁ ମାଗିଥିଲେ। ତେବେ ବ୍ୟାଙ୍କ ସମ୍ପାଦକ ତଦନ୍ତ କମିଟିକୁ ଏହାର ଆବଶ୍ୟକ କାଗଜାତ ଦେଇ ନ ପାରି ସୋମବାର ପର୍ଯ୍ୟନ୍ତ ସମୟ ମାଗିଥିବା ଜଣାପଡ଼ିଛି। ସମ୍ପାଦକ କାଗଜାତ ଦେଇ ନ ପାରିବାରୁ ତଦନ୍ତ କମିଟି ଅସନ୍ତୋଷ ବ୍ୟକ୍ତ କରି ଫେରିଛି। ବ୍ୟାଙ୍କ ପରିଚାଳନା କମିଟି ପକ୍ଷରୁ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ୨୦୦୬ରୁ ୨୦୨୫ ପର୍ଯ୍ୟନ୍ତ ପ୍ରାମାଣିକ ତଥ୍ୟ ସହ କାଗଜାତ ତଦନ୍ତ କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହାର ନକଲ କମିଟିକୁ ଦେଇ ତଥ୍ୟ ନେବାର ପ୍ରମାଣ ପତ୍ର ପ୍ରଧାନଙ୍କୁ ତଦନ୍ତ କମିଟି ପ୍ରଦାନ କରିଥିଲେ। ଅପରପକ୍ଷେ ପରିଚାଳନା ପରିଷଦର ସାଧାରଣ ସଭା କିଏ ଡାକି ପାରିବେ ସେନେଇ ନୟାଗଡ଼ ଜିଲାପାଳ ରେଜିଷ୍ଟ୍ରାରଙ୍କୁ ମାଗିଥିବା କ୍ଲାରିଫିକେଶନର ଉତ୍ତର ଆସିଛି। ସାଧାରଣ ସଭା କେବଳ ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ଡାକିବାର କ୍ଷମତା ଅଛି। ଅନ୍ୟ କେହି ପରିଚାଳନା ପରିଷଦର ବୈଠକ ଡାକି ପାରିବେ ନାହିଁ ବୋଲି ରେଜିଷ୍ଟ୍ରାରଙ୍କ ପକ୍ଷରୁ ଚିଠି ନଂ. ୭୦୯୧/ ୧୭।୪।୨୦୨୫ରେ ଆସିଛି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୯ରେ ଜିଲା ପରିଷଦର ସମ୍ମିଳନୀ କକ୍ଷରେ ସାଧାରଣ ସଭା ବୈଠକ କରିବାକୁ ବ୍ୟାଙ୍କର ସମ୍ପାଦକ ନୋଟିସ୍ କରିଥିଲେ। ପରିଚାଳନା ପରିଷଦର ସଭାପତି ଥାଉ ଥାଉ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭା ବୈଠକର ଡାକିବାର ନୋଟିସ୍‌କୁ ବିରୋଧ କରି ଜିଲାପାଳଙ୍କୁ ଶତାଧିକ ପାକ୍ସ ସଭାପତି ଓ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର କର୍ମକର୍ତ୍ତା ମାର୍ଚ୍ଚ ୧୭ ତାରିଖ ଫେରାଦ୍ ହୋଇଥିଲେ। ବେଆଇନ ଭାବେ ସାଧାରଣ ସଭା ବୈଠକ ଡାକିଥିବା ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବୈଠକ ବାତିଲ କରିବାକୁ ଦାବି କରିଥିଲେ। ଶତାଧିକ ପାକ୍ସ ସଭାପତି ଓ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କର ଅଭିଯୋଗ ପାଇବା ପରେ ମାର୍ଚ୍ଚ ୧୮ରେ ଜିଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ ଆଲୋଚନା କରି ସାଧାରଣ ସଭା ବାତିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭାର ବୈଠକକୁ ବାତିଲ କରିଥିଲେ। ମାର୍ଚ୍ଚ ୧୯ରେ ସାଧାରଣ ସଭା ବୈଠକ ବାତିଲ ହୋଇଥିଲା। ଏହାପରେ ଜିଲାପାଳ ରେଜିଷ୍ଟ୍ରାରଙ୍କୁ ସାଧାରଣ ସଭା ବୈଠକ ସମ୍ପର୍କରେ କ୍ଲାରିଫିକେଶନ ମାଗିଥିଲେ। ଏ ନେଇ ନିର୍ଦ୍ଦେଶକ ସନ୍ୟାସି ପ୍ରଧାନ କହିଛନ୍ତି, ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଆସିଥିବା ସମ୍ପାଦକମାନେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ୩୬୨ କୋଟି ୫୬ ଲକ୍ଷ କ୍ଷତି କରିଛନ୍ତି। ଯାହାର ପ୍ରମାଣ ପତ୍ର ତଦନ୍ତ କମିଟିକୁ ଦେବା ପରେ ସନ୍ତୋଷ ବ୍ୟକ୍ତ କରି ଏହା ତଦନ୍ତକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। ଅପରପକ୍ଷେ ପରିଚାଳନା ପରିଷଦ ପକ୍ଷରୁ ଯେଉଁ ଆଇନର ୬୫ ତଦନ୍ତ ନେଇ ଯେଉଁ ଦାବି କରାଯାଇଥିଲା ତାହାକୁ ହାଇକୋର୍ଟ ତଦନ୍ତ କରିବାକୁ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ତଦନ୍ତ ଆରମ୍ଭ ହୋଇଛି। ପୁଣି ରେଜିଷ୍ଟ୍ରାରଙ୍କ କ୍ଲାରିଫିକେଶନ ଆସିଥିବା କହିଛନ୍ତି। ବ୍ୟାଙ୍କ ସମ୍ପାଦକ ଅଜୟ ପଟ୍ଟନାୟକଙ୍କୁ ଘଟଣା ସମ୍ପର୍କରେ ପଚରା ଯାଇଥିଲେ ହେଁ ତଦନ୍ତ ଚାଲିଛି ଦର୍ଶାଇ ସେ କିଛି କହି ନ ଥିଲେ।

## ଗଞ୍ଜେଇ ଜବତ: ବାପ, ପୁଅ ଜେଲ ଗଲେ

**ନୟାଗଡ,୧୭।୪(ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ପୋଲିସ ଅଟୋ ସହ ୨୧ କେଜିଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ରଣପୁର ଥାନା ଖଡିଆ ଗାଁର ସନାତନ ସ୍ୱାଇଁ ଓ ବାପା ଭୋବନୀ ସ୍ୱାଇଁଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ବାପପୁଅଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗଞ୍ଜେଇ ଦଶପଲ୍ଲାରୁ ଆସୁଥିବାବେଳେ ୫୭ନଂ. ଜାତୀୟ ରାଜପଥର ନୟାଗଡ଼ରୁ ଅଟୋରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିଲା।

## ଚେସ୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ

**ନୟାଗଡ଼,୧୭।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଚେସ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଗୁରୁବାର ନୟାଗଡ଼ କେସି କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଆସୋସିଏଶନ ଉପସଭାପତି ବାଲାରସେନ ପାତ୍ର ଅଧ୍ୟକ୍ଷତା କରି ଜିଲା ଚେସ କମିଟିର ନୂତନ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ। ରାଜ୍ୟ ଚେସ ଆସୋସିଏଶନର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ, ଜିଲାସ୍ତରୀୟ, ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଟୁର୍ନାମେଣ୍ଟ, ଚେସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ନିଆଯାଇଛି। ଜିଲା ଚେସ ଆସୋସିଏଶନ ସମ୍ପାଦକ ରିତେଶ ରଥ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସଂଘର ସମ୍ପାଦକ ରିତେଶ ରଥ, କୋଷାଧ୍ୟକ୍ଷ ତାରୁନ ଖାଁ, କ୍ଲବ ସଭାପତି ଭାଗୀରଥି ଦାସ, ଅଜିତ କୁମାର ମିଶ୍ର, ଉମାକାନ୍ତ ମିଶ୍ର, ଲକ୍ଷ୍ମୀଧର ସାହୁ, ଜଗମୋହନ ଷଡ଼ଙ୍ଗୀ, ପ୍ରକାଶ ମହାପାତ୍ର, ଧୀରେନ ପ୍ରଧାନ, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁବାବୁ ଆଧୁନିକ ଓଡ଼ିଶା ଗଠନ କରିବାର ବିନ୍ଧାଣି



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

### ଭାପୁରରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

**ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଭାପୁର ବିଜେଡି କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ମଧୁସୂଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ, ଲିଙ୍ଗରାଜ ଦାଶ, ଅଖିଳ କୁମାର ପଣ୍ଡା, ନିରଞ୍ଜନ ବେହେରା, ବରିଷ୍ଠ ନେତା ଗୀତିକାନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅତିଥିମାନେ ବିଜୁ ପଟ୍ଟନାୟକ ଆଧୁନିକ ଓଡ଼ିଶା ଗଠନ କରିବାରେ ଜଣେ ଦକ୍ଷ ବିନ୍ଧାଣି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ୪୨ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ ଛାମୁଆ କର୍ମୀମାନେ ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କ ଫୋଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବାବେଳେ ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଭଣ୍ଡାର ପାହାଡ଼ ଶୀର୍ଷରେ ୨୫ ଫୁଟର ହନୁମାନଙ୍କ ବିଗ୍ରହ

**ଶରଣକୂଳ, ୧୭।୪ (ଦୀପକ କର)**

ଶରଣକୁଳ ନିକଟ ମା’ ଝାଡେଶ୍ୱରୀଙ୍କ ପୀଠ ଭଣ୍ଡାର ପାହାଡ଼ର ଶୀର୍ଷରେ ପବିତ୍ର ହନୁମାନ ଜୟନ୍ତୀରେ ୨୫ ଫୁଟ୍ ଉଚ୍ଚତାର ହନୁମାନଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଭୁବନେଶ୍ୱର-ଭଞ୍ଜନଗର ରାଜ୍ୟ ରାଜପଥର ପାର୍ଶ୍ୱରେ ଅବସ୍ଥିତ ଶରଣକୁଳ ଭଣ୍ଡାର ପାହାଡ଼ରେ ହନୁମାନଙ୍କ ବିଗ୍ରହ ବେଶ ଶୋଭାବର୍ଦ୍ଧନ କରିଛି। ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ହନୁମାନଙ୍କ ବିଗ୍ରହ ଦେଖିବାକୁ ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିରେ ନରେନ୍ଦ୍ରପୁର ଓ ଶରଣକୁଳର ଗ୍ରାମବାସୀ ସହଯୋଗ କରିଥିଲେ।

## ୧୭ ବର୍ଷରୁ କମ୍ ଜାତୀୟ ବେସ୍‌ବଲ ଦଳରେ ସୁଭଦ୍ରା, ଶ୍ରୀକାନ୍ତ

**ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)**

### ଭାପୁରର ଗୋଟିଏ ବିଦ୍ୟାଳୟରୁ ୨ ଛାତ୍ରୀଛାତ୍ର

ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ର ଶ୍ରୀକାନ୍ତ ସାହୁ ଏବଂ ନବମ ଶ୍ରେଣୀର ଛାତ୍ରୀ ସୁଭଦ୍ରା ବେହେରା ୧୭ ବର୍ଷରୁ କମ ବେସବଲ ଦଳରେ ସ୍ଥାନ ପାଇଛନ୍ତି। ଏହା ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବାଇଗୁଣିଆ ଗ୍ରାମର ସୁଭଦ୍ରାଙ୍କ ପିତା ମାନସ ବେହେରା ଜଣେ କୃଷକ ଓ ମା’ ସୁଲୋଚନା। ସେହିଭଳି ବାଇଗୁଣିଆ ପଞ୍ଚାୟତ ବୋରଗାଁର ଶ୍ରୀକାନ୍ତଙ୍କ ପିତା ଭାସ୍କର ଚନ୍ଦ୍ର ସାହୁ ଜଣେ କୃଷକ ଓ ମା’ ଅର୍ଚ୍ଚନା ଜଣେ ଗୃହିଣୀ।

